Weekly Multilingual
ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Pages-8 ODIMUL00867 Rs - 5.00
ଭାଗ:୧, ସଂଖ୍ୟା: ୩୮, ଭୁବନେଶ୍ୱର, ଅଗଷ୍ଟ ୦୫-୧୧, ୨୦୨୪, Vol: 1, Issue: 38, Bhubaneswar, August 05-11, 2024

# ରାଜ୍ୟରେ ଶିଳ୍ପ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଂଟ ସ୍ଥାପନ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ହେବ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ସମୀକ୍ଷା କରି ଅଧିକ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର ଗୁଡିକ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ୫ ବର୍ଷରେ ରାଜ୍ୟରେ ୩.୫ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ ପରି କ୍ଷେତ୍ରଗୁଡିକରେ ଅଧିକ ନିଯୁକ୍ତି ସମ୍ଭାବନା ରହିଛି । ତେଣୁ ଏ ସବୁ କ୍ଷେତ୍ରରେ କିପରି ଅଧିକ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ସେଥି ପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ଏ ସବୁ କ୍ଷେତ୍ରରେ ଓଡିଆ ଉଦ୍ୟୋଗୀମାନଙ୍କୁ ଶିଳ୍ପ ସ୍ଥାପନ ପାଇଁ ଉତ୍ସାହିତ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ ।



ସମୀକ୍ଷା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ କେନ୍ଦୁଝର ପରି ଖଣିଜ ସମ୍ପଦ ସମୃଦ୍ଧ ଜିଲ୍ଲାରେ ଏ ପର୍ଯ୍ୟନ୍ତ ମେଗା ଷ୍ଟିଲ ପ୍ଲାଂଟ ସ୍ଥାପିତ ହୋଇପାରି ନାହିଁ । ଜିଲ୍ଲାରେ ଖଣିଜ ସମ୍ପଦ ସହ ଜମି, ଜଳ, ବିଦ୍ୟୁତ, ଯୋଗାଯୋଗର ସୁବିଧା ଆଦି ସବୁ ଆନୁଷଙ୍ଗିକ ଭିତିଭୂମିର ସୁବିଧା ମଧ୍ୟ ରହିଛି । ତେଣୁ ସେଠାରେ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଉଦ୍ୟମ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ଆଲୋଚନା ପରେ ନିଷ୍ପତି ହୋଇଥିଲା ଯେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଂଟ ସ୍ଥାପନ ପାଇଁ ବିଭିନ୍ନ ଆଗ୍ରହୀ ଶିଳ୍ପ ସଂସ୍ଥା ସହିତ ଆଲୋଚନା କରାଯାଇ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । ବୈଠକରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଶ୍ରୀ ହେମନ୍ତ ଶର୍ମା ବିଭିନ୍ନ କ୍ଷେତ୍ରର ଶିଳ୍ପ ପ୍ରତିଷ୍ଠାରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଉପସ୍ଥାପନା କରିଥିଲେ । ସେ କହିଥିଲେ ଯେ ରାଜ୍ୟରେ ୨୦୧୬ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୯୮୯ଟି ଶିଳ୍ପ ପ୍ରତିଷ୍ଠା ପାଇଁ ଆବେଦନ ଆସିଥିବା ବେଳେ ୬୭୪ଟି ପ୍ରକଳ୍ପ ସିଙ୍ଗିଲ ୱିଣ୍ଡୋ ଅଥରିଟି ଦ୍ୱାରା ଅନୁମୋଦନ ପାଇଛି । ସେଥି ମଧ୍ୟରୁ ୩୫୨ଟି ପ୍ରକଳ୍ପକୁ ଜମି ହସ୍ତାନ୍ତର କରାଯାଇଛି । ଏତଦ୍ ? ବ୍ୟତିତ ୧୮୩ଟି ପ୍ରକଳ୍ପ ଶିଳ୍ପ ସ୍ଥାପନ ପାଇଁ କାମ ଆରମ୍ଭ ହୋଇଛି । ୭୪ଟି ଶିଳ୍ପ କାର୍ଯ୍ୟକ୍ଷମ ହୋଇସାରିଛି । ସେହିପରି ରାଜ୍ୟରେ ୧୨ଟି ବୈଦେଶିକ ପୁଞ୍ଜି ବିନିଯୋଗ ପ୍ରସ୍ତାବ ରହିଛି । ୪୧ଟି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ନିବେଶ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଶିଳ୍ପ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ଶ୍ରୀ ଶର୍ମା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିପୁଳ ସୁଯୋଗ ରହିଛି । ଏ ଦିଗରେ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ସରକାରୀ ସ୍ତରରେ ଶିଳ୍ପ ସଂସ୍ଥାମାନଙ୍କୁ ଉପଯୁକ୍ତ ସୁଯୋଗ ଯୋଗାଇଦେବା ସହିତ ସେମାନଙ୍କ ସମସ୍ତ ଆବଶ୍ୟକତା ପୂରଣ ଦିଗରେ ସରକାରଙ୍କ ସମସ୍ତ ସଂପୃକ୍ତ ବିଭାଗ ସହଯୋଗ ଯୋଗାଇଦେବା ଜରୁରୀ ବୋଲି ସେ ମତ ଦେଇଥିଲେ ।

ବୈଠକରେ ଶିଳ୍ପ ମନ୍ତ୍ରୀ ଶସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇପିକଲ୍ ର ପରିଚାଳନା ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆ ଓ ଶିଳ୍ପ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ଜିଲ୍ଲାରେ କୃଷି ଏବଂ ଉଦ୍ୟାନ କୃଷି ବିଭାଗ, ଶକ୍ତି ବିଭାଗ କାର୍ଯ୍ୟର ସମୀକ୍ଷା ବୈଠକ

## ଜିଲ୍ଲାରେ କୃଷକ ସର୍ବଦା ଅଗ୍ରଗଣ୍ୟ ଏବଂ ଜିଲ୍ଲାରେ କୃଷକର ସମସ୍ୟା ଦୂର କରିବା ପାଇଁ ଆମେ ପ୍ରତିକରବଦ୍ଧ ହେବା : ଉପ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, : ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ, ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ମୟୂରଭଞ୍ଜ ଜିଲ୍ଲାରେ କୃଷି ଏବଂ ଉଦ୍ୟାନ କୃଷି ବିଭାଗୀୟ କାର୍ଯ୍ୟର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଏଯାବତ ହୋଇଥିବା ସମସ୍ତ କୃଷି କାର୍ଯ୍ୟ ଏବଂ ତାହାର ପୁଙ୍ଖାନୁପୁଙ୍ଖ ବିବରଣୀ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପଚାରି ବୁଝିଥିବାବେଳେ ଏହି ବିଭାଗ ସହିତ ସଂଶ୍ଳିଷ୍ଟ ସମସ୍ତ ବିଭାଗୀୟ କାର୍ଯ୍ୟର ତଦାରଖ କରିଥିଲେ । ଏହି ପରିପ୍ରେକ୍ଷୀରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଜିଲ୍ଲାରେ କୃଷି ଏବଂ କୃଷକମାନଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନା, ଏହାର କାର୍ଯ୍ୟକାରିତା ଏବଂ ଏହାର ଲାଭାନ୍ୱିତକରଣ ଦ୍ୱାରା ଉପଯୋଗ ହୋଇଥିବା ରାଜସ୍ୱ ବିଷୟରେ ପଚାରି ବୁଝିଥିଲେ । ଅଧିକାରୀମାନଙ୍କୁ ସମସ୍ତ ବିଭାଗୀୟ ଅନୁମୋଦିତ କାର୍ଯ୍ୟକୁ ତୁରନ୍ତ ସମାପ୍ତ କରି ବିଭାଗୀୟ ମୁଖ୍ୟାଳୟରେ ରିପୋର୍ଟ ଦାଖଲ କରିବା ଏବଂ ଆଗାମୀ ଯୋଜନା ଏବଂ କାର୍ଯ୍ୟପନ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଆଦେଶ ଦେଇଥିଲେ । ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ଏବଂ ଏହି ଜିଲ୍ଲା ନିଜ ପାରମ୍ପରିକ କୃଷି ପାଇଁ ପ୍ରସିଦ୍ଧ, ଏହାକୁ ଅଗ୍ରଗତିର ସହ ଆଗକୁ ନେବା ପାଇଁ ସମସ୍ତ ପ୍ରକାର ସହାୟତା କରିବା ପାଇଁ



ରାଜ୍ୟସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ କହିଥିଲେ । ଗ୍ରାମାଞ୍ଚଳର ବିଦ୍ୟୁତିକରଣ, ଟ୍ରାନ୍ସଫର୍ମର ପୋଡ଼ି, ସମୟ ଅସମୟରେ ବିଦ୍ୟୁତ କାଟ୍ ଭଳି ସମସ୍ୟା ଏବଂ ବହୁତ ଦିନରୁ ଅଟକି ଥିବା ବିଦ୍ୟୁତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଆଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମୟୂରଭଞ୍ଜ ସାଂସଦ ଶ୍ରୀ ନବଚରଣ ମାଝୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ସାହି ବିଧାୟକ ଶ୍ରୀ ସନାତନ ବିଜୁଳି, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା କୁମାରୀ ସଞ୍ଜୀଲୀ ମୁର୍ମୁ, ସାରସକଣା ବିଧାୟକ ଶ୍ରୀ ଭାଦବ ହାଂସଦା, ଟିପିଏନ୍ଓଡିଏଲ୍ର ସିଇଓ ବିଜୟ ଦାସ୍ ବାସାକ୍ ଓ ଶକ୍ତି ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ଏବଂ ମାନ୍ୟବର ବିଧାୟକଗଣଙ୍କ ଦ୍ୱାରା ପଚାର ଯାଇଥିବା ତଥ୍ୟକୁ ଉପସ୍ଥାପନା କରିବା ସହିତ ଜିଲ୍ଲାରେ କୃଷିରେ କିଭଳି ଉନ୍ନତି ହୋଇ ପାରିବ ସେ ବିଷୟରେ ନିଜ ନିଜ ମତ ପୋଷଣ କରିଥିଲେ ।

FOR EXCLUSIVE WEDDING CARDS
Bandhan
ସୁ-ସମ୍ପର୍କ ଗଢେ
ବନ୍ଧନ
ସୁ-ସମ୍ପର୍କ ଗଢେ
ALL TYPES OF INVITATION CARDS
WE HAVE NO BRANCH
Ph:- 0674-2310196
Mob:- 8260685257
ଏଠାରେ ନିମନ୍ତ୍ରଣ କାର୍ଡ ମିଳେ

## ସଂ ପା ଦ କୀ ୟ

# ମାନବୀୟ ବିଶୃଙ୍ଖଳା

ପୁଣି ଥରେ ପ୍ରକୃତିର ପ୍ରଳୟଙ୍କରୀ ପ୍ରକୋପର ସାମ୍ନା କରିଛି ଦକ୍ଷିଣ ଭାରତର ସମୃଦ୍ଧ ଓ ବିକଶିତ ରାଜ୍ୟ କେରଳ। ପ୍ରବଳ ବର୍ଷା ଓ ଭୂସ୍ଖଳନରେ ୱାଏନାଡ଼ ସଂସଦୀୟ କ୍ଷେତ୍ରର ଚାରିଟି ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି। ଏହି ଆଲେଖ୍ୟ ଲେଖା ହେବା ବେଳକୁ ଏହି ବିଭୀଷିକାରେ ୩୦୦ରୁ ଊର୍ଦ୍ଧ୍ୱ ମୃତ ଓ ୨୩୦ ଆହତ ହୋଇଥିବା ଖବର ମିଳିଛି। ଦୁର୍ଘଟଣାରେ ଓଡ଼ିଶାର ଦୁଇଜଣ ଡାକ୍ତର ମଧ୍ୟ ନିଖୋଜ ହୋଇଯାଇଥିବାର ଦୁଃଖଦ ଖବର ମିଳିଛି। ସମ୍ଭବତଃ କେରଳ ଏହି କ୍ଷୟକ୍ଷତିର ପୁନଃଭରଣା ଖୁବ୍ ଶୀଘ୍ର କରିଦେବ। କିନ୍ତୁ ଏହାପଛର ଯେଉଁସବୁ କାରଣ ଧୀରେ ଧୀରେ ସାମ୍ନାକୁ ଆସୁଛି ତାହାର ନିରାକରଣ ପ୍ରତି ଯଦି ଯତ୍ନବାନ ନ ହୁଏ ଏପରି ଅଘଟଣମାନ ବଢ଼ି ଚାଲିଥିବ। କେରଳର ଏହି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଏ ପର୍ଯ୍ୟନ୍ତ ତୁମୁଳ ବର୍ଷାକୁ ଦାୟୀ କରାଯାଇଛି। ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ପ୍ରଭାବିତ ଅଞ୍ଚଳରେ ୧୪୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ଅଂଚଳରେ ୩୦୦ ମିମିରୁ ଅଧିକ ବର୍ଷା ରେକର୍ଡ କରାଯାଇଛି, ଯାହା ଭାରତୀୟ ପାଣିପାଗ ବିଭାଗର ଆକଳନଠାରୁ ଢେର ଅଧିକ। ଭୌଗୋଳିକ ଗଠନ ଦୃଷ୍ଟିରୁ ଏହି ଅଂଚଳ ପଶ୍ଚିମଘାଟ ପାର୍ବତ୍ୟାଂଚଳର ସବୁଠାରୁ ସ୍ପର୍ଶକାତର। ତେଣୁ ଯଦି ବୃଷ୍ଟିପାତର ଆଗୁଆ ସଠିକ୍ ଅନୁମାନ କରାଯାଇପାରିଥା'ନ୍ତା ହୁଏତ ଏହି ଅଞ୍ଚଳରୁ ଆଗୁଆ ଜନସ୍ଥାନାନ୍ତର କରାଯାଇ ବିପୁଳ ଜୀବନହାନିକୁ ରକ୍ଷା କରାଯାଇପାରିଥା'ନ୍ତା। କିନ୍ତୁ କୃତ୍ରିମ ବୁଦ୍ଧିମତା ଯୁଗରେ ପୁଣି ଥରେ ଆଇଏମ୍‌ଡି ପୂର୍ବାନୁମାନରେ ବିଫଳ ହେଲା, ଯାହାର ପରିଣତି ୱାଇନାଡ଼ବାସୀ ଭୋଗିଲେ। ଏ ଦିଗରେ ଆଇଏମ୍‌ଡି ଅଧିକ ଯତ୍ନବାନ ହେବା ଏବଂ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱର ସହ ନେବା ଆବଶ୍ୟକ। ଏହି ସମ୍ପୂର୍ଣ୍ଣ ଘଟଣାରେ ବର୍ଷା ବିପୃାତକୁ ଖଳନାୟକ ଭାବେ ଦର୍ଶାଯାଉଥିଲେ ହେଁ ବାସ୍ତବ ଖଳକାରକମାନ ହେଉଛି ସେଠାରେ ମଣିଷର ଅନିୟନ୍ତ୍ରିତ ମାତ୍ରାଧିକ ପରିବେଶ ଓ ପ୍ରକୃତି ବିରୋଧୀ କାର୍ଯ୍ୟକଳାପ। ପାଣିପାଗ ବିଶେଷଜ୍ଞ ମତରେ ଆରବ ସାଗରର ଉପରିସ୍ଥ ଜଳଭାଗ ଅତ୍ୟଧିକ ଉତପ୍ତ ହେବା ଫଳରେ ଯେଉଁ ବାୟୁଚାପ ବଳୟ ସୃଷ୍ଟି ହେଲା ତାହାର ପ୍ରଭାବରେ ଆକସ୍ମିକ ବର୍ଷା ପରିମାଣ ବୃଦ୍ଧି ପାଇଲା। ସମୁଦ୍ର ଜଳସ୍ତର ବୃଦ୍ଧି ପାଇଁ ଯେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ ଜୀବାଶ୍ମ ଇନ୍ଧନ ହିଁ ଦାୟୀ ତାହା ଆଉ ବୁଝାଇ କହିବା ଆବଶ୍ୟକ ନାହିଁ। ୨୦୧୮, ୨୦୧୯, ୨୦୨୦, ୨୦୨୧ ଓ ୨୦୨୨ରେ ମଧ୍ୟ ଏଭଳି ସମାନ କାରଣରୁ ସେଠାରେ ପ୍ରବଳ ବର୍ଷା ଓ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହୋଇ ବ୍ୟାପକ ଧନଜୀବନ ହାନି ହୋଇଛି। ୨୦୨୨ରେ ସଂସଦରେ ପ୍ରଦତ ତଥ୍ୟ ଅନୁସାରେ ଦେଶର ସର୍ବାଧିକ ଭୂସ୍ଖଳନ କେରଳରେ ହିଁ ସଂଘଟିତ ହେଉଛି। ଅବିଶ୍ୱସନୀୟ ଭାବେ ଏହି ସଂଖ୍ୟା ୨୦୧୫ରୁ ୨୦୨୨ ଭିତରେ ୨୨୩୯। ଏହାସତ୍ତ୍ୱେ କେରଳ ସରକାର ଜନଜୀବନର ସୁରକ୍ଷା ତୁଳନାରେ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦେଇଆସୁଛନ୍ତି ଏବଂ ଏଭଳି ଦୁର୍ଘଟଣାରେ ଧନଜୀବନର ପ୍ରଭୂତି କ୍ଷତି ପ୍ରତି ସମ୍ବେଦନହୀନ ହୋଇରହିଛନ୍ତି। କେରଳର ଅର୍ଦ୍ଧାଧିକ ଭୂଭାଗ ପାହାଡ଼ ପର୍ବତ ପରିବେଷ୍ଟିତ। ସମତଳ ଜମି ବୋଲି ଯାହା ଦେଖାଯାଏ ତାହା ୨୦ ଡିଗ୍ରୀ ପର୍ଯ୍ୟନ୍ତ ଗଡ଼ାଣିଆ ବା ଢାଲୁ ହୋଇଥିବାରୁ ଅଧିକ ଭୂସ୍ଖଳନ ପ୍ରବଣ। କେରଳର ପ୍ରାୟ ୬୦ ପ୍ରତିଶତ ଭୂସ୍ଖଳନ ଏହି ଅଂଚଳରେ ହେଉଥିବା ରେକର୍ଡ ରହିଛି। ଅପରପକ୍ଷରେ ସେଠାରେ ଥିବା ପ୍ରାକୃତିକ ଜଙ୍ଗଲକୁ କାଟି ଅଧିକରୁ ଅଧିକ ରବର ଚାଷକୁ କେରଳ ସରକାର ପ୍ରାଥମିକତା ଦେଇଛନ୍ତି। ଉତରାଖଣ୍ଡ, ଆସାମ, ବିହାର ଓ କେରଳରେ ଏବେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ଓ ତଦ୍‌ଜନିତ ଧନଜୀବନ ହାନି ଆମ ସ୍ୱଚକ୍ଷୁରେ ଦେଖି ଆସୁଛନ୍ତି ତାହା ପଛର କାରଣ କେବଳ ମାନବୀୟ ବିଶୃଙ୍ଖଳା। ବିକାଶ ଆଳରେ ମାନବକୃତ ଏହି ଖଳକାରକ ଲଗାମଛଡ଼ା ଥିବା ପର୍ଯ୍ୟନ୍ତ ବିଭୀଷିକାର କରାଳ ଗ୍ରାସରେ ଧନଜୀବନ ଏଭଳି ଲୀନ ହୋଇଚାଲିଥିବ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ପଣ୍ଡିତ ନୀଳକଣ୍ଠ



ସତ୍ୟବାଦୀ ଦାଶ

ମହାପୁରୁଷ ମାନଙ୍କ ଜୀବନୀ ଓ କାର୍ଯ୍ୟାବଳି ଯୁଗେ ଯୁଗେ ବ୍ୟକ୍ତି, ଜାତି ଓ ସମାଜକୁ ଦିଗ୍‌ଦର୍ଶନ ଦେଇଆସିଛି । ପଣ୍ଡିତ ନୀଳକଣ୍ଠ ଦାସ ଏକାଧାରାରେ ଜଣେ ଶିକ୍ଷାବିତ୍, କବି, ସଂସ୍କାରକ, ସାଧୀନତା ସଂଗ୍ରାମୀ, ସମାଜସେବୀ, ରାଷ୍ଟ୍ରନୀତିଜ୍ଞ, ସମାଦିକ, ବ୍ୟବସ୍ଥାପକ, ବାଚସ୍ପତି ଏହିଭଳି ଅନେକ ବିଶେଷଣର ଅଧିକାରୀ ଥିଲେ । ତାଙ୍କର ପ୍ରତିଭା ବହୁଦିଗକୁ ସ୍ପର୍ଶ କରିଥିଲା ।

୧୮୮୪ ମସିହା ଅଗଷ୍ଟ ମାସ ୫ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଗହ୍ମାପୂର୍ଣ୍ଣମୀର ପୂର୍ବଦିକ ସୋମବାର ଦିନ ପୁତ୍ରକାମୀ ମାତା ଶ୍ରୀମତୀ ହୀରାଦେବୀ ଏବଂ ପିତା ଶ୍ରୀ ଆନନ୍ଦ ଦାସଙ୍କ ଅଷ୍ଟମ ଗର୍ଭରେ ସତ୍ୟବାଦୀର ବାଲିଆ ନୀଳକଣ୍ଠ ମହାଦେବଙ୍କ ଆଶୀର୍ବାଦରେ ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ଶାସନରେ ଭୂମିଷ୍ଠ ହୋଇଥିଲେ । ବାଲ୍ୟକାଳରୁ ଏକ ଜିଦ୍‌ଖୋର ଓ ପ୍ରତିଭାବାନ୍ ଶିଶୁଭାବରେ ନିଜର ବାଲ୍ୟଶିକ୍ଷା ନିଜ ଗ୍ରାମରେ ହିଁ ଗ୍ରହଣ କରି ପରବର୍ତୀ ସମୟରେ ପୁରୀ ଜିଲ୍ଲାସ୍କୁଲ୍‌ରେ ଅଧୟନ କରିଥିଲେ । ୧୯୦୨ ମସିହାରେ ଜିଲ୍ଲା ସ୍କୁଲରେ ୯ମ ଶ୍ରେଣୀରେ ପଢୁଥିବା ସମୟରେ ସେ ଆଶ୍ଚର୍ଯ୍ୟ ହରିହର ଏବଂ ପ୍ରୟରକ ଅନନ୍ତ ମିଶ୍ରଙ୍କ ସହ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ଶ୍ରୀରାମଚନ୍ଦ୍ରପୁର ଠାରୁ ୧୦ ମାଇଲ୍ ଦୂରରେ ଅବସ୍ଥିତ ସୁଆଣ୍ଡୋ ଭାର୍ଗବୀ ନଦୀ କୂଳରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ଲକ୍ଷ୍ମଣଚଣ୍ଡୀଙ୍କ ପୀଠରେ ଭାଗବତ ବଢ଼ା ଅବସରରେ ରରିଜଣ ଏକ ଦୃଢ଼ ସଂକଳ୍ପ ନେଇଥିଲେ । 'ଆମେ ପାଠ ପଢ଼ି ସରକାରୀ ରକିରୀ କରିବା ନାହିଁ, ଦେଶ ପାଇଁ କିଛି କରିବା । ଜନ୍ମ ବେଳେ ଦେଶକୁ ଯାହା ଦେଖୁଥାଇଁ ତା'ଠାରୁ ଉନ୍ନତ ଦେଖି ମରିବା" ଏହାହିଁ ତ୍ୱରିଜଣଙ୍କ ଜୀବନରେ ବାସ୍ତବରେ ରୂପାୟିତ ହୋଇଥିଲା ।

ମାଧମିକ ଶିକ୍ଷାକୁ ପୁରୀ ଜିଲ୍ଲା ସ୍କୁଲ୍‌ରେ, ରେଭେନ୍ସା କଲେଜ ?ରେ ସ୍ନାତକ ଏବଂ କଲିକତା ବିଶ୍ୱବିଦ୍ୟାଳୟରେ ସ୍ନାତକୋତର (ଏମ.ଏ.) ପାସ୍ କରିବା ପରେ ୧୯୧୧ ଅକ୍ଟୋବର ୧୧ ତାରିଖରେ ଗୋପବନ୍ଧୁଙ୍କ ଦ୍ୱାରା ୧୯୦୯ ମସିହାରେ ସ୍ଥାପିତ ସତ୍ୟବାଦୀ ବନବିଦ୍ୟାଳୟର ଅଧକ୍ଷ ଭାବରେ ଯୋଗଦେଇଥିଲେ । ପୁନଶ୍ଚ ଗୋପବନ୍ଧୁଙ୍କ ଆହ୍ୱାନରେ ୧୯୨୧ ମସିହାରେ ଓଡିଶାର ସକ୍ରିୟ ରାଜନୀତିରେ ଭାଗନେଇଥିଲେ । ଅଧାପନା ସହ ସେ ଆରମ୍ଭ କରିଥିଲେ ସମାଜ ସଂସ୍କାର । ଗାନ୍ଧୀଜୀଙ୍କ ହରିଜନ ଆନ୍ଦୋଳନର ବହୁପୂର୍ବରୁ ବନବିଦ୍ୟାଳୟରେ ସବର୍ଣ୍ଣ ଓ ଅସବର୍ଣ୍ଣ ଛାତ୍ରମାନଙ୍କର ଏକତ୍ର ଭୋଜନ ବ୍ୟବସ୍ଥା କରାଇ ରକ୍ଷଣଶୀଳ ବ୍ରାହ୍ମଣ ସମାଜର କ୍ରୋଧର ଶିକାର ହେବା ସହ ବ୍ରାହ୍ମଣ ସମାଜରୁ ତାଙ୍କୁ ବହିଷ୍କାର ହେବାପାଇଁ ପଡିଥିଲା ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପ୍ରସ୍ତାବ ଅନୁଯାୟୀ । କିନ୍ତୁ ସେ ତାଙ୍କର ମାନସିକ ଗୁରୁ ଗୋପବନ୍ଧୁଙ୍କ ସହ ଅତ୍ୟନ୍ତ ଦୃଢ଼ ହୋଇ ଆଉ ପଛକୁ ଗହିଁ ନଥୁଲେ । ନୀଳକଣ୍ଠ ଓଡିଶାରେ ହିନ୍ଦୁ ମହାସଭାର ଏକ ଶାଖା ଖୋଲି ନେତାଜୀ ସୁବାଷଙ୍କ ପିତା ଜାନକୀନାଥ ବୋଷ ସଭାପତି ଓ ନିଜେ ସଂପାଦକ ଦାୟିତ୍ୱ ନେଇଥିଲେ । ହିନ୍ଦୁ ସମାଜରେ ଥିବା ଜାତିପ୍ରଥା ରକ୍ଷଣଶୀଳତା, ବାଲ୍ୟ ବିବାହ ଓ ନାନା କୁସଂସ୍କାର ବିରୁଦ୍ଧରେ ଜନସଚେତନତା ସୃଷ୍ଟି କରିବା ସହ ବିଧବା ବିବାହ ସପକ୍ଷରେ ଅନ୍ୟମାନଙ୍କୁ ପ୍ରଭାବିତ କରୁଥିଲେ । କାଳେଶୀ, ଜ୍ୟୋତିଷ, ଜାତକ, ଯୌଜ୍‌କ ଏବଂ ଭରିତ ମିଥ୍ୟା ପ୍ରଭୃତିକୁ ନିଜ ଲେଖା ମାଧ୍ୟମରେ ବାତ୍ର ସମାଲୋଚନା କରୁଥିଲେ ।

କଲିକତା ଓ ଟାଟାରେ ଶ୍ରମିକ ସଂଗଠନ ତିଆରି କରି ଓ ଶ୍ରମିକ ମାନଙ୍କୁ ସଂଗଠିତ କରି ସେମାନଙ୍କର ବିବିଧ ଦାକାଗୁଡିକୁ ଉପସ୍ଥାପନ କରି ତଜଳୀନ ସରକାରଙ୍କ ସହ ଲହେଇ ଆରମ୍ଭ କରିଥିଲେ । ୧୯୨୪ ମସିହାରେ ପ୍ରଥମେ କେନ୍ଦ୍ର ବ୍ୟବସ୍ଥି ପତ୍ର ସଭାରୁ ଅଣମୁସଲମାନ ସଭ୍ୟ ରୂପେ ନିର୍ବାଚିତ ମୋତିଲାଲ୍ ତେ ହେଗୁଙ୍କୁ ସରାଜ ଦଳରେ ସର୍ବଭାରତୀୟ ସଂପାଦରେ ରୂପେ କାର୍ଯ୍ୟ ନିର୍ବାହ କରିଥିଲେ । ଗୃହରେ ମୋତିଲାଲ୍ ନେହେରୁ ଦଳପତି ଏବଂ ସେ ଉପଦଳପତି ଭାବରେ ଦାୟିତ୍ୱ ତୁଲାଇଥିଲେ । ସେ ପବ୍ଲିକ୍ ଆକାଉଣ୍ଟସ୍ କମିଟିର ସଭ୍ୟପଦ ପାଇଥିଲେ । କେନ୍ଦ୍ର ଶାସନ ବିଧାନସଭାରେ ଦୀର୍ଘ ଓ ଉନ୍ନତମାନର ବିତର୍କ ପ୍ରଦାନ କରି ଶ୍ରେଷ୍ଠ ସଂସଦ ମର୍ଯ୍ୟଦା ପାଇଥିଲେ । ୧୯୩୬ ମସିହାରେ ଓଡିଶା ବିଧାନ ସଭାର ପ୍ରଥମ ନିର୍ବାଚନରେ କଂଗ୍ରେସରୁ ଇସ୍ତଫା ଦେଇ ଓଡିଶାରେ ଫରୱାର୍ଡ ବ୍ଲକ୍‌ର ସ୍ରଷ୍ଟା ସାଜିଥିଲେ । ୧୯୫୨ ମସିହାରେ ସାଧାରଣ ନିର୍ବାଚନରେ ଶ୍ୟାମପ୍ରସାଦ ମୁଖାର୍ଜିକ ଅନୁରୋଧରେ ସାଧାନ ଜନସଂପ ସହ ନିଜେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ୧୯୫୭ ମସିହାରେ ପଣ୍ଡିତ ନେହେରୁଙ୍କ ଅନୁରୋଧରେ କଂଗ୍ରେସରେ ଯୋଗଦେଇ ସତ୍ୟବାଦୀରେ ବିନା ପ୍ରତିତ୍ ?ଦ୍ୱିତାରେ ନିର୍ବାଚିତ ହୋଇ ବିଧାନସଭାରେ ଜାନସ୍ପତି ଆସନ ଅନଭୂତ କରିଥିଲେ । ଇତି ଓ ପ୍ରାବନ୍ଧିକ ଭାବରେ ତାଙ୍କର ପଦଚିହ୍ନ ଅଭିଳା ହୋଇଅଛି । କୋଣରେ, ପ୍ରଣାଳୀ ଦାସ ନାଏକ, ଖାରବେଳ ଆଜିର ରଚୟିତ ସଂସ୍କୃତି, ଆର୍ଯ୍ୟ ଜୀବନ, ଓଡ଼ିଆ ସାହିତ୍ୟ କ୍ରମ ପରିଣାମ । ଓଡ଼ିଆ ଭାଷା ଓ ସାହିତ୍ୟ ପିଲାଙ୍କ ରାମୟଣ ପିଲାଙ୍କ ମହାଭାରତ, ପିଲାଙ୍କ ଭାଗବନ, ଶିଶୁଗାଥା, ଗୀଳା ପ୍ରବେଶ, ଜଗବତ୍ ଗୀନା ଟୀକା, ଲାବଣ୍ୟବତୀର ଟିକା, ଓଡ଼ିଆ ବ୍ୟାକରଣର ରଚୟିତା । ପ୍ରଥମ ଓଡ଼ିଆ ଶିଶୁ ସାହିତ୍ୟିକ, ପ୍ରଥମ ଓଡ଼ିଆ ଭାଷା ବିଜ୍ଞାନୀ ଓ ଲିପି ସଂସ୍କାରକ ଓ ପ୍ରଥମ ସମାଲୋଚକ ଭାବରେ ସେ ନିରଦିନ ପାଇଁ ମନେଇହିବେ । ୧୯୨୧ରେ ସମଲପୁର ସେକା ପତ୍ରିକାର ପ୍ରତିଷ୍ଠା ଓ ସଂପଦନା, ୧୯୬୮ରେ ଗୋପବନ୍ଧୁଙ୍କ ମୃତ୍ୟୁପରେ ସମାଜରେ ସଂପାଦକ, ୧୯୨୮ରେ ନବଭାରତର ପ୍ରତିଷ୍ଠାଳା ଓ ୧୮ ବର୍ଷକାଳ ଏହାର ସଂପାଦନା, ୧୯୩୬ ମସିହାରେ ସଂସନ୍ଧିକ 'ଲୋକମନ' ପତ୍ରିକାର ପ୍ରଡ଼ିଶା ଓ ସଂପାଦନା ପାଇଁ ହରପୁରଣୀୟ । ସବୁଯୁଗର ଆଦର୍ଶ ଏହି ବ୍ୟକ୍ତିତ୍ୱକୁ ବର୍ତ୍ତମାନର ରାଜନୀତିଜ୍ଞ, ରାଷ୍ଟ୍ରନାୟନ, ପଣ୍ଡିତ, ଉଞ୍ଚଳଗୁଡିତ, ସାମାଦିକ ଓ ସାହିତ୍ୟିକମାନେ କେତେ ଦୂର ମନେ କରୁଛନ୍ତି ଏହାକି ପ୍ରଶ୍ନବାନୀ ।

*ସୁଆଣ୍ଡୋ, ସକ୍ଷୀଗୋପାଳ, ପୁରୀ*
*୯୪୩୮୩୬୦୪୬୪*

## ଇତିହାସ ପୃଷ୍ଠାରୁ....

# ଗାନ୍ଧୀ ଓ ଗୋପବନ୍ଧୁ

୧୯୨୧ମସିହା ମାର୍ଚ୍ଚ ମାସ ୨୩ତାରିଖ ସକାଳେ ଗାନ୍ଧିଜୀ କଲିକତାରୁ ଟ୍ରେନ ଯୋଗେ ଆସି କଟକ ରେଳ ଷ୍ଟେସନରେ ପହଁଚିଲେ. ସାଥିରେ ଥିଲେ ପତ୍ନୀ କସ୍ତୁରବା ଏବଂ ପୁତ୍ର ଦେବଦାସ. ଗାନ୍ଧିଜୀଙ୍କୁ ସ୍ୱାଗତ ଜଣାଇବାକୁ ସେଦିନ ଉପସ୍ଥିତ ଥିଲେ ପ୍ରାୟ ଦଶ ହଜାରରୁ ଅଧିକ ଲୋକ ଏବଂ ଓଡ଼ିଶା କଂଗ୍ରେସର ସଭାପତି ପଣ୍ଡିତ ଗୋପବନ୍ଧୁ ଦାସ. ସନ୍ଧ୍ୟାରେ କାଠଯୋଡ଼ି ପଠାରେ ଏକ ସାଧାରଣ ସଭା ହୋଇଥିଲା. ସେଦିନ ସଭାରେ ଗୋପବନ୍ଧୁ ଗାନ୍ଧିଜୀଙ୍କ ସମ୍ପର୍କରେ ଦେଇଥିବା ପ୍ରାରମ୍ଭିକ ପରିଚୟ ପ୍ରଦାନ, ସମାଜର ତା ୦୨/୦୪/୧୯୨୧ ସଂସ୍କରଣରୁ ଉଦ୍ଧୃତ କରାଗଲା.

. "ଭାଇମାନେ, ଯେଉଁ ମହାତ୍ମା ଗାନ୍ଧୀଙ୍କୁ ଆପଣମାନେ ଦେଖିବେ ବୋଲି ଏତେ ଦିନ ବ୍ୟାକୁଳ ହେଉଥିଲେ, ସେ ଆଜି ଆପଣମାନଙ୍କ ସମ୍ମୁଖରେ ବିଦ୍ୟମାନ. ସେ ଭାରତର ଘରେ ଘରେ, ଗାଁରେ ଗାଁରେ, ଆବାଳ ବୃଦ୍ଧ ବନିତାଙ୍କ ନିକଟରେ ପରିଚିତ. ଅତଏବ ସଭାରେ ତାଙ୍କ ପରିଚୟ ଦେବା, ସଭାରବିଧି ରକ୍ଷା କରିବା ମୋ ପକ୍ଷରେ ବିଡମ୍ବନା ମାତ୍ର. ଉତ୍କଳର ପ୍ରତ୍ୟେକ ସ୍ତ୍ରୀ ପୁରୁଷ ଏ ମହାପୁରୁଷଙ୍କୁ ଜାଣନ୍ତି. ବୁଦ୍ଧଦେବଙ୍କ ଠାରୁ ଆରମ୍ଭ କରି କବିର,ରାମାନୁଜ, ଶଙ୍କର, ନାନକ, ଚୈତନ୍ୟ ପ୍ରଭୃତି ମହାପୁରୁଷମାନେ ଉତ୍କଳ ଭୁଇଁରେ ପାଦଚିହ୍ନ ରଖି ଯାଇଛନ୍ତି. ଆହୁରି ମଧ୍ୟ ଆଜକୁ ତିନିଶହ ବର୍ଷ ପୂର୍ବେ ଠିକ ଆଜିର ଦୋଳପୁର୍ଣ୍ଣିମା ତିଥିରେ ଚୈତନ୍ୟ ମହାପ୍ରଭୁ ଏହି ନଦୀର ବାଲୁକାରେ ପ୍ରେମ ଓ ଧର୍ମର ପ୍ରଚାର କରିଥିଲେ. ଆଜି ଅନ୍ୟଜଣେ ମହାପୁରୁଷ ପୁଣି ତିନିଶହ ବର୍ଷ ପରେ ଏଇ ବାଲୁକା ପଠାରେ ଠିକ ସେଇ ତିଥିରେ ରାଜନୈତିକ ପ୍ରେମ ଧର୍ମ ପ୍ରଚାର କରିବାକୁ ଆସିଛନ୍ତି. ଏହି ମହାପୁରୁଷଙ୍କ ଯୋଗୁଁ ରାଜନୀତି ପୁଣି ଧର୍ମ ଉପରେ ପ୍ରତିଷ୍ଠିତ ହୋଇଛି. ଏଇ ମହାତ୍ମା ଓ ପୁଣ୍ୟାତ୍ମାଙ୍କ ରାଜନୀତିରେ କୂଟ ରାଜନୀତିର ସଭା ନାହିଁ. ଆଜି ମହାତ୍ମାଗାନ୍ଧୀଙ୍କ ଶୁଭାଗମାନ ଉତ୍କଳ ଇତିହାସରେ ଏକ ନୂତନ ଚିର ସ୍ମରଣୀୟ ଦିବସ ହୋଇ ରହିବ. କ୍ରମଶଃ. ......

*ସତ୍ୟବାଦୀ ଦାଶ*
*ସୁଆଣ୍ଡୋ, ସତ୍ୟବାଦୀ, ପୁରୀ*

# ଅନୁସୂଚିତ ଜନଜାତି ମୋର୍ଚ୍ଚା ନବ ନିର୍ବାଚିତ ବିଧାୟକ ଓ ସାଂସଦମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା

## ଜନଜାତି ଓ ପଛୁଆ ବର୍ଗଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ମୂଳ ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, : ଅତୀତରେ ପଛୁଆ ଶ୍ରେଣୀ ଉପେକ୍ଷିତ, ଅବହେଳିତ ଓ ନିଷ୍ପେସିତ ଅବସ୍ଥାରେ ଥିଲେ । କିନ୍ତୁ ବର୍ତମାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଲୋକଙ୍କ ଦକ୍ଷତାକୁ ଚିହ୍ନି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ କରିବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି । ମୋଦିଜୀଙ୍କ ଦକ୍ଷ ନେତୃତ୍ୱରେ ଭାରତ ଏବେ ସମଗ୍ର ବିଶ୍ୱର ଏକ ଅଗ୍ରଣୀ ଦେଶଭାବେ ନୂଆ ପରିଚୟ ସୃଷ୍ଟି କରିଛି । "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ସବକା ପ୍ରୟାସ" ମୋଦିଜୀ ମନ୍ତ୍ର ଦେଇଛନ୍ତି । ରାଜ୍ୟର ଜନଜାତି ଓ ପଛୁଆ ବର୍ଗଙ୍କୁ ଶିକ୍ଷିତ ଓ ସଚେତନ କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ଆଗକୁ ବଢ଼ିବାରେ ସାହାଯ୍ୟ ଓ ସହଯୋଗ କରିବାର ଆବଶ୍ୟକତା ରହିଛି । ଏହା ଦ୍ୱାରା ରାଜ୍ୟ ତଥା ଦେଶର ସନ୍ତୁଳିତ ବିକାଶ ସମ୍ଭବ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଭୁବନେଶ୍ୱରର ଜୟଦେବ ଭବନଠାରେ ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜନଜାତି ମୋର୍ଚ୍ଚା ତରଫରୁ ନବ ନିର୍ବାଚିତ ବିଧାୟକ ଓ ସାଂସଦମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ତଥା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଓଡ଼ିଶାବାସୀ ଏକଜୁଟ ହେବା ନିତ୍ୟାନ୍ତ ଆବଶ୍ୟକ । ସଂଗଠିତ ହୋଇ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଲଢ଼େଇ କଲେ ବିଳମ୍ୱରେ ହେଲେ ବି ସଫଳତା ନିଶ୍ଚିତ ମିଳିଥାଏ । ଗତ ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିଛି । ଜନଜାତି ସଂପ୍ରଦାୟ ବିଜେପି ପ୍ରତି ଆସ୍ଥା ପ୍ରକଟ କରିବା କାରଣରୁ ଏଥର ସମୁଦାୟ ୩୩ ରୁ ୧୮ ବିଧାନସଭା ଏବଂ ୫ ରୁ ୪ ସାଂସଦ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି । ଆଗାମୀ ଦିନରେ ଜନଜାତିଙ୍କ ବିଶ୍ୱାସଭାଜନ ହୋଇ ସମସ୍ତ ୩୩ ବିଧାନସଭା ଏବଂ ୫ ସାଂସଦ ଆସନ ଜୟଲାଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୋର୍ଚ୍ଚାର କାର୍ଯ୍ୟକର୍ତାଙ୍କୁ ଆହ୍ୱାନ ଦେଇଛନ୍ତି । ଜନଜାତି ମୋର୍ଚ୍ଚାର କାର୍ଯ୍ୟକର୍ତାଙ୍କ ଅକ୍ଲାନ୍ତ ପରିଶ୍ରମ କାରଣରୁ ବିଜେପି ପ୍ରଥମ ଥର ପାଇଁ ସରକାର ଗଠନ କରିଛି । ଆଦିବାସୀଙ୍କୁ କାର୍ଯ୍ୟକରିବାର ସୁଯୋଗ ବିଜେପି ହିଁ ଦେଇଛି । ଏହି ନେତାମାନେ ଆତ୍ମବିଶ୍ୱାସ ସହ ଦଳ ପାଇଁ କାର୍ଯ୍ୟ କରନ୍ତି । ଏଥିପାଇଁ ବିଜେପି ଦଳ ରାଷ୍ଟ୍ରବାଦୀ ଓ ସଂଗଠନରେ ଆଗୁଆ । ଆଦିବାସୀଙ୍କ ଉନ୍ନତି ପାଇଁ ୧୦୦ ଜଣ ଜନସଂଖ୍ୟା ଥିବା ଗାଁକୁ ମଧ୍ୟ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସଂଯୋଗ କରାଯିବା ସହ ଓଡ଼ିଶାର ୧୩ଟି ଆଦିମ ଜନଜାତିଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ପ୍ରଧାନମନ୍ତ୍ରୀ



ଜନଧନ ଯୋଜନାରେ ସୁନିଶ୍ଚିତ କରାଯାଇଛି । ପ୍ରତି ଅପହଂଚ ଗ୍ରାମ ପଂଚାୟତରେ ଜନଜାତି ଛାତ୍ରଛାତ୍ରୀ +୨ ଶିକ୍ଷା ମାଗଣାରେ ପାଇପାରିବା ଭଳି ଜନକଲ୍ୟାଣକାରୀ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇଛି । ଯାହାକୁ ଗତ ୭୫ ବର୍ଷ ଶାସନରେ କଂଗ୍ରେସ ଓ ବିଜେଡି ସରକାର କରିପାରି ନ ଥିଲେ । ଦାରିଦ୍ର୍ୟତାର କଷାଘାତରେ ଶିକ୍ଷା ଓ ସଚେତନତା ଅଭାବରୁ ଆଦିବାସୀ ଆଜି ପେଶୀ ହେଉଛନ୍ତି । ସେମାନଙ୍କ ବିକାଶ ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ । ବିଦ୍ୟାଳୟସ୍ତରରେ ଡ୍ରପଆଉଟ ହାର କମାଇବା ପାଇଁ "ମାଧୋ ସିଂ ହାତଖର୍ଚ୍ଚ ଯୋଜନା"ରେ ଚଳିତ ବଜେଟରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରୋତ୍ସାହନ ବାବଦରେ ବାର୍ଷିକ ୫ହଜାର ଟଙ୍କା ଆର୍ଥିକ ବ୍ୟୟବରାଦ କରାଯାଇଛି । ରାଜ୍ୟର ଜନଜାତିଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବିଜେପି ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ଏହି ଅବସରରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ରାଜ୍ୟରେ ସରକାର ଗଠନ କରିବାକୁ ହେଲେ ଜନଜାତିଙ୍କ ସମର୍ଥନ ନିହାତି ଆବଶ୍ୟକ । ତେଣୁ ବିଜେପିର ସଙ୍ଗଠନକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି । ପାର୍ଟି ଗଠନରେ ଅନେକ କାର୍ଯ୍ୟକର୍ତାଙ୍କ ଭୂମିକା ରହିଛି ଏବଂ ସଫଳତାରେ ଜନଜାତି ମୋର୍ଚ୍ଚାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପୂର୍ବ ସରକାର ଭଳି ଓଡିଶାରେ ଅଫିସରରାଜ୍ ଚଳିବ ନାହିଁ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡିଶାରେ ଲୋକଙ୍କ ସରକାର ଗଠନ ହୋଇଛି । ଓଡିଶାର ସର୍ବାଙ୍ଗୀନ ବିକାଶ ପାଇଁ ଆମେ ସମସ୍ତେ ଦଳମତ ନିର୍ବିଶେଷରେ ଏକାଠି ହୋଇ କାର୍ଯ୍ୟ କରିବା ଆବଶ୍ୟକ ଏବଂ ଏଥି ପାଇଁ କେନ୍ଦ୍ର ସରକାରଙ୍କ ସମସ୍ତ ସହଯୋଗ ଓ ସହାୟତା ରହିବ ବୋଲି ଶ୍ରୀ ଓରାମ କହିଛନ୍ତି । ବିଜେପି ସର୍ବଦା ଆଦିବାସୀମାନଙ୍କୁ ସମ୍ମାନିତ କରିଛି । ଓଡ଼ିଶାର ଜଣେ ଆଦିବାସୀ ମହିଳା ଆଜି ଦେଶର ରାଷ୍ଟ୍ରପତି । ଓଡ଼ିଶାରେ ବିଜେପିର ପ୍ରଥମ ସରକାରରେ ଆଦିବାସୀ ନେତା ଶ୍ରୀ ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦେଇଛି । ଏହି ସରକାରରେ ତିନି ଜଣ ଆଦିବାସୀ ମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି । ବିଜେପି ସବୁବେଳେ ଆଦିବାସୀଙ୍କ କଲ୍ୟାଣ ପାଇଁ ଚିନ୍ତା ଓ କାର୍ଯ୍ୟ କରୁଥିବା ପାର୍ଟି ବୋଲି ଗଣଶିକ୍ଷାମନ୍ତ୍ରୀ ତଥା ଏସ୍‌ଟି ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ଜଙ୍ଗଲ ମନ୍ତ୍ରୀ ଇଂ.ଗଣେଶ ରାମ ସିଂ ଖୁଂଟିଆ, ସାଂସଦ ଅନନ୍ତ ନାୟକ, ନବ ଚରଣ ମାଝୀ, ପୂର୍ବତନ ମନ୍ତ୍ରୀ ଶ୍ରୀ ବିଶେଶ୍ୱର ଟୁଡୁ, ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମୋର୍ଚ୍ଚାର ଦାୟିତ୍ୱ, କାର୍ଯ୍ୟ ସଂପାଦନା ଏବଂ ଭୂମିକା ସଂପର୍କରେ ମତ ରଖିଥିଲେ । ଏଥି ସହ ପେସା ଓ ଜଙ୍ଗଲ ଜମି ଅଧିକାର ଆଇନର କାର୍ଯ୍ୟକାରିତା, ଲଘୁ ବନ୍ୟଜାତଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଏବଂ ସରକାର ସଙ୍ଗଠନ ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ମତ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ଏସ୍‌ଟି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କାଳୀରାମ ମାଝୀ, ଏସ୍‌ଟି ମୋର୍ଚ୍ଚା ପ୍ରଭାରୀ ତଥା ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେରକେଟା, ମୋର୍ଚ୍ଚାର ରାଜ୍ୟ ସଭାପତି ଗୋବର୍ଦ୍ଧନ ଭୋଏ, ସାଧାରଣ ସମ୍ପାଦକ ରାମଚନ୍ଦ୍ର ହାସଁଦାଙ୍କ ସମେତ ସମସ୍ତ ବିଧାୟକ ଓ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ସେପ୍ଟେମ୍ବର ୧୦ ତାରିଖ ପରେ ରାଜ୍ୟରେ ଲାଗୁହେବ

# ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା



ଭୁବନେଶ୍ୱର, : ପୂର୍ବତନ ସରକାରଙ୍କ ଅନ୍ୟତମ ଲୋକପ୍ରିୟ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ଆସନ୍ତା ମାସ (ସେପ୍ଟେମ୍ବର) ୧୦ ତାରିଖ ଯାଏଁ ଚାଲିବ । ଏହା ପରଠାରୁ ବିଏସ୍ ?କେୱାଇ ବଦଳରେ ଲୋକଙ୍କୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ ସୁବିଧା ମିଳିବ । ବିଏସକେୱାଇରେ ଯେତିକି ସୁବିଧା ମିଳୁଛି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସମାନ ପ୍ରକାରର ସୁବିଧା ରହିବ । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ବଜେଟ ଆପ୍ରୋପ୍ରିଏସନ ବିଲ ପାସ୍ ହେଲା ପରେ ନୂଆ କାର୍ଡର ପ୍ରକ୍ରିୟା ଆରମ୍ଭ ହେବ । ଏହାସହ ବିଏସକେୱାଇ କାର୍ଡର ରୂପରେଖ ବଦଳିଯିବ । ବିଏସକେୱାଇ କାର୍ଡ ଏଯାଏଁ ଚାଲୁ ରହିଛି । ସମସ୍ତଙ୍କୁ ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ ମିଳିବ । ସେପ୍ଟେମ୍ବର ୧୦ତାରିଖରେ ଆପ୍ରୋପିଏସନ୍ ବିଲ୍ ପାସ୍ ହେବ, ତା ପରେ ପର୍ଯ୍ୟାୟ କ୍ରମେ ଗୋପବନ୍ଧୁ ଆରୋଗ୍ୟ ଯୋଜନା ଲାଗୁହେବ । ପରବର୍ତ୍ତୀ ସମୟରେ ଯୋଜନା ଆଣିଲେ ତାହା ଲାଗୁହେବ, ଏବେ ବିଏସକେୱାଇ ଯେମିତି ଚାଲିବା କଥା ଚାଲିବ ବୋଲି ମୁକେଶ ମହାଲିଙ୍ଗ କହିଛନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ୯୭.୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳୁଛି । ପରିବାରରେ ମହିଳା ସଦସ୍ୟାଙ୍କ ପାଇଁ ବାର୍ଷିକ ୧୦ ଟଙ୍କାର ଚିକିତ୍ସା ସହାୟତା ମିଳୁଛି । ମାସିକ ୧ଲକ୍ଷୁ ଉର୍ଦ୍ଧ୍ୱ ହିତାଧିକାରୀ ପ୍ରାୟ ୨୦୦ କୋଟି ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ପାଉଛନ୍ତି । ଏହି ସେବା ନେଇ ହିତାଧିକାରୀମାନେ ସନ୍ତୋଷ ପ୍ରକାଶ କରୁଛନ୍ତି ।

# ଅର୍ପଣ ଚାଉଳର ସଦୁପଯୋଗ କରାଯିବ: ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, : ଜଗନ୍ନାଥ ପ୍ରେମୀ ଦେଉଥିବା 'ଅର୍ପଣ ଚାଉଳ' ଖତ ଖାଉଥିବା ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି, ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ସେ ଚାଉଳର ସଦୁପଯୋଗ କେମିତି ହେବ, ସେନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଖୁବ୍ ଶୀଘ୍ର ଏହାକୁ ନେଇ ପରିଚାଳନା କମିଟି ବସିବ । କମିଟି ବସିବା ପରେ ଯାହା ପରାମର୍ଶ ଆସିବ ତାକୁ ସରକାର ଗ୍ରହଣ କରିବେ । ଅର୍ପଣ ଚାଉଳ ଭଗବାନଙ୍କ ପାଖରେ ଅର୍ପଣ ହେବାର ଯୋଗ୍ୟ ନୁହେଁ । ପୂର୍ବରୁ ମଧ୍ୟ ଏହା କୁହାଯାଇଛି । କିନ୍ତୁ ପୂର୍ବ ସରକାର ଏହା ଶୁଣିବାକୁ ନାରାଜ ଥିଲେ । କିଛି ଶୁଣିବାକୁ ପ୍ରସ୍ତୁତ ନଥିଲେ ଏବଂ ନିଜ ଜିଦରେ ଅଟଳ ଥିଲେ । ଖେଚୁଡ଼ି ଭୋଗ



କରି ଠାକୁରଙ୍କ ପାଖେ ଭୋଗ କରିବାକୁ ଚେଷ୍ଟା ଚଳାଇଥିଲେ । କିନ୍ତୁ ଅର୍ପଣ ଚାଉଳ ପ୍ରସାଦ ଯୋଗ୍ୟ ନୁହେଁ ବୋଲି ସେବାୟତ ମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ ବୋଲି କହିଛନ୍ତି ଆଇନମନ୍ତ୍ରୀ । ତେବେ ଖୁବଶୀଘ୍ର ଏହାକୁ ନେଇ ପରିଚାଳନା କମିଟି ବସିବ । କମିଟି ବସିବା ପରେ ଯାହା ପରାମର୍ଶ ଦିଆଯିବ ସରକାର ତାହା ଗ୍ରହଣ କରିବେ ବୋଲି ମନ୍ତ୍ରୀ କହିଛନ୍ତି । ଏଫସିଆଇ ଗୋଦାମରେ ହଜାର ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ଗଦା ହୋଇଛି । ଏହା ବାବଦରେ ସ୍ପଷ୍ଟ ନିଷ୍ପତ୍ତି ହେବା ଆବଶ୍ୟକ ରହିଛି । ସେ ଚାଉଳ ଖରାପ ହେବା ଆରମ୍ଭ ହେଲାଣି । ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ସେ ଚାଉଳର ସଦୁପଯୋଗ କେମିତି ହେବ, ପରିଚାଳନା କମିଟି ନିଷ୍ପତ୍ତି ନେଇସାରିବା ପରେ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି ।

# ଖୁବ୍ ଶୀଘ୍ର ସ୍କୁଲଗୁଡ଼ିକୁ ତାଗିଦ୍ କରାଯିବ: ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, :ସ୍କୁଲକୁ ଛାତ୍ରଛାତ୍ରୀ ଦୁଇ ଚକିଆ ଯାନ ନେଇ ଆସିବା ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ସମସ୍ତଙ୍କୁ ସଚେତନ କରାଯାଉଛି । ଖୁବ୍ ଶୀଘ୍ର ସ୍କୁଲଗୁଡ଼ିକୁ ତାଗିଦ୍ କରାଯିବ । ଏନେଇ ବିଭାଗୀୟ ଅଧିକାରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ



ସହ ଆଲୋଚନା କରାଯିବ । ଛାତ୍ରଛାତ୍ରୀ ଦୁଇ ଚକିଆ ଯାନ ନେଇ ଆସିବା ଦ୍ୱାରା ଦୁର୍ଘଟଣାର ଶିକାର ହେଉଛନ୍ତି । ଆମ ସରକାର ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେଉଛନ୍ତି । ଏଦୃଷ୍ଟିରୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମଧ୍ୟ ଏହାକୁ ଲାଗୁ କରିବ ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି ।

# ମୌଳିକ ସୁବିଧାରୁ ବଞ୍ଚିତ ଜାମୁପକାଳ ଗ୍ରାମ, ଘାଟି ରାସ୍ତା ପାଲଟିଛି ମରଣଯନ୍ତା



ଫିରିଙ୍ଗିଆ : ସରକାର ଗ୍ରାମାଞ୍ଚଳ ବିକାଶ କରିବା ପାଇଁ କେତେ ପ୍ରକାର ଯୋଜନା କରୁଛନ୍ତି । ଗ୍ରାମ ଗ୍ରାମକୁ ରାସ୍ତା ବିଜୁଳି , ସ୍ୱାସ୍ଥ୍ୟ,ସେବା, ଶିକ୍ଷା ଭଳି ଅନେକ ଯୋଜନା ଦ୍ୱାର ଗ୍ରାମାଞ୍ଚଳ ର ବିକାଶ କରୁଛନ୍ତି ରାଜ୍ୟ ସରକାର । ରାଜ୍ୟ ସରକାର ଙ୍କ ପକ୍ଷରୁ ଏହି କାର୍ଯ୍ୟଗୁଡ଼ିକ ସୁଚାରୁରୂପେ କରିବାପାଇଁ ଦାଇତ୍ୱ ଥିବା କିଛି ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ କିଛି କିଛି ସ୍ଥାନରେ ଆଜିବି ସରକାରୀ ଯୋଜନା ସଠିକ୍ ରୂପେ ପହଞ୍ଚି ପାରୁନାହିଁ । କିଛି ଏପରି ସମାନ ଅଭିଯୋଗ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ ପଞ୍ଚାୟତ ର ୧ ୨ ନମ୍ବର ଉଆଡ୍ ଅବସ୍ଥିତ ଏହି ଜାମୁପକାଳ ଗ୍ରାମ । ବନ୍ଧଗଡ଼ ରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଜାମୁପକାଳ ଗ୍ରାମ ଜନସାଧାରଣ ସରକାର ଙ୍କ ମୌଳିକ ସୁବିଧା ବଞ୍ଚିତ । ଏହି ଗ୍ରାମ କୁ ଯିବା ପାଇଁ ପକ୍କା ରାସ୍ତା ନଥିବା ବେଳେ ଘାଟି ରାସ୍ତା ଖାଲଖମା ହୋଇ ପଡ଼ିରହିଛି । ଗ୍ରାମ ବାସୀ ଅଭିଯୋଗ ମୁତାବକ ଦିର୍ଘ ବର୍ଷ ରୁ ୨ ୦ ରୁ ଉର୍ଦ୍ଧ ପରିବାର ଜାମୁପକାଳ ଗ୍ରାମ ବସବାସ କରୁଥିବା ବେଳେ ଆଜି ପର୍ଯ୍ୟନ୍ତ ଗମନାଗମନ ପାଇଁ ଭଲ ରାସ୍ତା ଖଣ୍ଡିଏ ନଥିବା ରୁ ବହୁତ ଅସୁବିଧା ସମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି ଅନ୍ୟ ଏହି ଗ୍ରାମ କୁ ଯିବାକୁ ହେଲେ ଜାମୁପକାଳ ଘାଟି ରାସ୍ତା ଖାଲଖମା ହୋଇ ପଡ଼ିରହିଛି ଯାହା ଫଳରେ ଜରୁରୀକାଳୀନ ସେବା ଆମ୍ବୁଲାନ୍ସ କିମ୍ବା ଜନସାଧାରଣ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ପାଇଁ ଅସୁବିଧାରେ ପଡୁଛନ୍ତି । ଏହି ଘାଟି ରାସ୍ତା ରେ ବାଇକ୍ ଯିବା ଦୂରର କଥା ଚାଲିକି ଯିବା କଷ୍ଟକର ବୋଲି କହିଛନ୍ତି ଗ୍ରାମ ବାସୀ । ଏହି ଗ୍ରାମରେ ନା ରହିଛି ଅଙ୍ଗନବାଡି କେନ୍ଦ୍ର ନା ରହି ଛାତ୍ର ଛାତ୍ରୀ ଙ୍କ ପାଇଁ ବିଦ୍ୟାଳୟ ନାହିଁ । ଛାତ୍ର ଛାତ୍ରୀ ବିଦ୍ୟାଳୟ କୁ ଯିବାକୁ ହେଲେ ୪ କିଲୋମିଟର ଯିବାକୁ ପଡୁଥିବା ବେଳେ ଘାଟି ରାସ୍ତା ଖାଲଖମା ଯୋଗୁଁ ଅସୁବିଧା ହେଉଥିବା କହିଛନ୍ତି । ଘାଟି ରାସ୍ତା ଖାଲଖମା ଯୋଗୁଁ ୧ ୨ ନମ୍ବର ଉଆଡ୍ ର ଜନସାଧାରଣ ରାସ୍ତା ସମସ୍ୟା ଯୋଗୁଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ କରିଛନ୍ତି ଘାଟି ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି କରିଛନ୍ତି କିନ୍ତୁ ଏଯାଏଁ ହୋଇ ପାରୁନାହିଁ ବୋଲି କହିଛନ୍ତି ସତ୍ୟ ଦିଗାଲ, ଶୁଶିଳ ଦିଗାଲ, ସଞ୍ଜିତ୍ ଦିଗାଲ, ଗୋପାଳ ଦିଗାଲ, ମଷ୍ଟୁ ଦିଗାଲ, ଲିଙ୍ଗରାଜ ଦିଗାଲ, ସୁବାସ ଚନ୍ଦ୍ର ଦିଗାଲ, ବୁଭନି ଦିଗାଲ, ବିନାୟକ ଦିଗାଲ ସମେତ ୧ ୨ ନମ୍ବର ଉଆଡ୍ ର ଗ୍ରାମ ବାସୀ । ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ଜାମୁପକାଳ ଘାଟି ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି । ଅର୍ନ୍ୟପଟେ ଏହି ଘଟଣା କୁ ନେଇଁ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ରାସ୍ତା ନଥିବା ବିଷୟରେ ଅବଗତ ନଥିବା କହିବା ସହ କିଭଳି ଭାବରେ ସେହି ଗାଁରେ ରାସ୍ତା ନିର୍ମାଣ ହୋଇ ପାରିବ ସେ ନେଇଁ ତୁରନ୍ତ ପଦକ୍ଷେପ କରା ଯିବ ବୋଲି କହିଛନ୍ତି ।

# ଆଦିବାସୀ ଗାଁ କଂଟାଝରୀକୁ ବିକାଶ ଛୁଇଁବ କେବେ

## ସ୍ୱାଧିନତାର ଦୀର୍ଘବର୍ଷ ପରେ ବି ମୌଳିକ ସୁବିଧା ସାତସପନ

ହରିଚନ୍ଦନପୁର, : ଦେଶ ସ୍ୱାଧୀନର ଦିର୍ଘବର୍ଷ ପରେ ମଧ ସ୍ୱାଧୀନତାର ଅମୃତ ଚାଖି ପାରିନାହାଁନ୍ତି ଦୁର୍ଗମ ଅଂଚଳବାସୀ, ପ୍ରତି ମୂହୁର୍ତରେ ଜୀଉଁଛନ୍ତି ଅଭିଶପ୍ତ ଜୀବନ । କେବେ ମିଳିବ ସେମାନଙ୍କୁ ମୌଳିକ ସୁବିଧା, ସେ ନେଇ ଚାତକ ପରି ଚାହିଁ ରହିଛନ୍ତି ସ୍ଥାନୀୟ ଲୋକେ । ଆମେ କହୁଛୁ କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ହରିଚନ୍ଦନପୁର ବ୍ଲକ ବରେଇଗୋଡା ପଂଚାୟତ ଅନ୍ତର୍ଗତ ତାଳପଦାର ଦୁର୍ଗମ 'କଂଟାଝରୀ' ସାହିର କଥା । ଏହି ପଂଚାୟତର ଦୁର୍ଗମ ବଡ଼ଜେମେଇର ଜୁଆଙ୍ଗ ଜନଜାତିମାନଙ୍କ ପାଖରେ ପହଂଚି ପାରୁନାହିଁ ସରକାରୀ ସୁବିଧା ସୁଯୋଗ । ଯାହା କେନ୍ଦୁଝର ଜିଲ୍ଲାର ନଗଡା ଭାବେ ପୂର୍ବରୁ ବେଶ୍ ପରିଚିତ ବୋଲି ଅନୁମେୟ । ତେବେ ହରିଚନ୍ଦନପୁର ଠାରୁ ଦୈତାରୀ ମାଇନ୍ସ ଯିବା ବାଟରେ ପଡ଼େ କଂଟାଝରୀ ସାହି, ଦୈତାରୀ ଖଣି ଠାରୁ ମାତ୍ର ଚାରି କିଲୋମିଟର ଦୂରରେ ରହିଛି ଏହି ସାହି । ହେଲେ ଆଜିବି ଏଠାରେ ଦେଖିବାକୁ ମିଳେନାହିଁ ବିକାଶର ପାଦ ଚିହ୍ନ । ପାନୀୟଜଳ, ଶିକ୍ଷା, ଗମନାଗମନ ସହିତ ବିଜୁଳି ଆଲୁଅ ଭଳି ମୌଳିକ ସୁବିଧା ଏଠାରେ ଅପହଂଚ ହୋଇ ରହିଛି । ଏଠାରେ ଗମନାଗମନ ପାଇଁ ତାଳପଦା ଦୈତାରୀ ରାସ୍ତା ଠାରୁ ପାଖାପାଖି ଏକ କିଲୋମିଟର କଂଟାଝରୀ ପର୍ଯ୍ୟନ୍ତ ରାସ୍ତା ଏବଂ ପୋଲ ନିର୍ମାଣ ନିମନ୍ତେ ବ୍ୟୟବରାଦରେ ରାସ୍ତା ନିର୍ମାଣ ହୋଇଥିଲେ ହେଁ ସ୍ଥାନୀୟ ନାଳରେ ପୋଲ ନିର୍ମାଣ ହୋଇପାରିନାହିଁ ଯାହା ଫଳରେ ବର୍ଷା ହେଲେ ଉକ୍ତ ସାହି ସହିତ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଛିନ୍ନ ହୋଇଯାଇଥାଏ । ଲୋକେ ପିଡିଏସ୍ ସାମଗ୍ରୀ, ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା କିମ୍ବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ଯିବା ଆସିବା ପାଇଁ ଏଠାରେ ଜୀବନ ବାଜିରେ ଲାଗୁଥିବା ଦୃଶ୍ୟ ଦେଖିବାକୁ ମିଳେ । ରୋଗୀ କିମ୍ବା ଗର୍ଭବତୀ ମହିଳାମାନଙ୍କ କଥା ନ କହିବା ଭଲ, ନାଳ ପାର ହୋଇ ଆମ୍ବୁଲାନ୍ସ ପାଖରେ ପହଂଚିଲେ ଜୀବନ ବଂଚେ, ନଚେତ୍ ଜୀବନ ଯିବାଟି ନିଶ୍ଚିତ ବୋଲି ଦେଖିଲେ ଜାଣି ହେଉଛି । ସାହିରେ ନା ସ୍ୱଚ୍ଛ ପାନୀୟ ଜଳ, ଫଳରେ ପାଖ ନାଳରୁ ଚୂଆ କରି ବର୍ଷ ଯାକ ପାଣି ବ୍ୟବହାର କରିଥାନ୍ତି । ବର୍ଷା ହେଲେ ପାଣି ଗୋଳିଆ ହେଉଥିବା ବେଳେ ବାଧ ହୋଇ ସେହି ପାଣିକୁ ପିଇ ଜୀବନ ବଂଚାଇଥାନ୍ତି । ପୂର୍ବରୁ ଥିବା ଏକ ମାତ୍ର ନିର୍ଭର ଯୋଗ୍ୟ ନଳକୂପ, ଦିର୍ଘ ଦିନରୁ ଅଚଳ ହୋଇପଡିଛି, ନା ହେଉଛି ତାର ମରାମତି, ନା ନୂଆ ନଳକୂପ ଖନନ କରାଯାଉଛି । ଯାହା ଫଳରେ ପିଇବା ପାଣି ପାଇଁ ସାହିବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ମୁଖ୍ୟତଃ ଦୂଷିତ ଜଳ ପିଇ ବିଭିନ୍ନ ରୋଗରେ ପିଡିତ ହେଉଥିବା ପୂର୍ବରୁ ନଜିର ମଧ ରହିଛି । ବିଜୁଳି ଆଲୁଅ ଏମାନଙ୍କ ପାଇଁ ସାତସପନ ପାଲଟିଥିବା ବେଳେ ସଞ୍ଜ ନଇଁବା ମାତ୍ରେ ବନ୍ୟଜନ୍ତୁ ଭୟରେ ଘରର କବାଟ ପଡିଯାଏ । କେତେ ଗୁଡିଏ ସୋଲାର ଲାଇଟ ଛଡା ଆଉ କିଛି ନାହିଁ, କାହିଁ କେତେ କାଳରୁ ବିଦ୍ୟୁତ ଖୁଂଟ ପୋତା ଯାଇଛି ହେଲେ ବିଦ୍ୟୁତ ସଂଯୋଗ କେବେ ହେବ ତାହା କାହାକୁ ବର୍ତମାନ ପର୍ଯ୍ୟନ୍ତ ଜଣାନାହିଁ । ଗୋଟିଏ ପଟେ ରାଜ୍ୟ ସରକାର ଆଦିବାସୀମାନଙ୍କ ପାଇଁ ବାର୍ଷିକ କୋଟିକୋଟି ଟଙ୍କାର ଯୋଜନା ଉପରେ ଯୋଜନା କରି ରାଜସ୍ୱ ଖର୍ଚ୍ଚ କରୁଥିବାବେଳେ ବାସ୍ତବରେ ଏବେବି ଆଦିବାସୀମାନଙ୍କ ବିକାଶ ହୋଇପାରିନାହିଁ । ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି କାର୍ଯ୍ୟ କରୁଥିବା ବେଳେ ଦୈତାରୀ ଖଣିର ଛାତି ଉପରେ ଥିବା କଂଟାଝରୀ ଗାଁ ଖଣି ପ୍ରଭାବିତ ଅଂଚଳ ହୋଇଥିଲେ ମଧ ବିକାଶ ଶୂନ୍ୟ ହୋଇପଡିଛି । ତେବେ ସାହିବାସୀ ଏ ସମ୍ପର୍କରେ ବାରମ୍ବାର ଦୈତାରୀ ଓଏମସି କର୍ତୃପକ୍ଷଙ୍କ ସମେତ ଜିଲ୍ଲାପାଳ ଏବଂ ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନା ଏଠାରେ ପହଂଚି ପାରିନାହିଁ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଏସବୁ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ସାହି ବାସିନ୍ଦାଙ୍କ ସମେତ ଅଂଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି ।

# ବହୁବର୍ଷ ପରେ ଦୂର ହେବ ଲୋକଙ୍କ ଯାତାୟତ ସମସ୍ୟା

ଭଦ୍ରକ, : ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳି ତିହିଡି ବ୍ଲକ ଅଧୀନ ତଳଗୋପବିନ୍ଧା ଓ ଗୁଆମାଳ ପଂଚାୟତର କେତେକ ଗ୍ରାମର ଲୋକମାନଙ୍କର ବହୁବର୍ଷ ପରେ ଦୂର ହେବ ଯାତାୟତ ସମସ୍ୟା । ତଳଗୋପବିନ୍ଧା ପଂଚାୟତର ନରସିଂହପୁର ମହାଦେବସାହି ଠାରୁ ବିଲଣା-ମଙ୍ଗଳପୁର ଆରଡି ରାସ୍ତା ଭାୟା ନିଶ୍ଚନ୍ତା ଜେନାସାହି ଏବଂ କଷଟି ଠାରୁ ମିରିପୁର ଭାୟା ତଳଗୋପବିନ୍ଧା ରାସ୍ତା ୨ଟି ପଂଚାୟତ ଅଧୀନରେ ଥିଲା । ଦୀର୍ଘ ୫କି.ମି ଓ ୪ କି.ମି ଲମ୍ବର ଏହି ୨ଟି ରାସ୍ତା ହୋଇଥିବାରୁ ଏହାକୁ ନିର୍ମାଣ କରିବା ପଂଚାୟତ ପକ୍ଷେ ସମ୍ଭବ ହେଉନଥିଲା । ଯାହାଫଳରେ ନିଶ୍ଚନ୍ତା ଜେନାସାହି, ନାଥପଡା, ହଟନଗର, ନରସିଂହପୁର, ମହାଲିକସାହି, ନାୟକସାହି, ମିରିପୁର, ମାଙ୍କଡକୋଲା ପ୍ରମୁଖ ଗ୍ରାମର ଅଧିବାସୀମାନେ ଯାତାୟତ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ । ପଂଚାୟତର ସରପଂଚ ସଞ୍ଜୀବ ବେହେରା ଏନେଇ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତୃପକ୍ଷ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପଂଚାୟତର ରାସ୍ତା ୨ଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ଯାଇଥିବା ଜଣାଯାଇଛି । ଭିଭାଗୀୟ କନିଷ୍ଠ ଯନ୍ତ୍ରୀ କୃତିବାସ ମହାପାତ୍ର ଶନିବାର ସେହି ୨ ପଂଚାୟତକୁ ଯାଇ ରାସ୍ତାର ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । କନିଷ୍ଠ ଯନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ଅନୁଧ୍ୟାନ ବେଳେ ସରପଂଚ ଶ୍ରୀ ବେହେରାଙ୍କ ସମେତ ସମିତିସଭ୍ୟାଙ୍କ ପ୍ରତିନିଧି କ୍ଷୀରସିନ୍ଧୁ ବେହେରା, ନାଏବ ସରପଂଚଙ୍କ ପ୍ରତିନିଧି ରମାକାନ୍ତ ମଲିକ, ଶ୍ରୀକାନ୍ତ ମହାଲିକ, ଭାନୁପ୍ରତାପ ବେଦିଙ୍କ ସମେତ ୱାର୍ଡସଦସ୍ୟମାନେ ଉପସ୍ଥିତ ଥିଲେ । କନିଷ୍ଠ ଯନ୍ତ୍ରୀଙ୍କ ରିପୋର୍ଟ ସରକାରଙ୍କ ନିକଟକୁ ପଠାଯିବା ପରେ ସରକାର ଅର୍ଥ ମଞ୍ଜୁର କଲେ ରାସ୍ତା ନିର୍ମାଣ ହେବ ବୋଲି ଜଣାପଡ଼ିଛି ।

# ରାୟଗଡ଼ା ସହରର ଚିନ୍ତା ବଢ଼ାଇଛି, ରାସ୍ତା ଉପରେ ଅବୈଧ ଗାଡ଼ି ପାର୍କିଂ

ରାୟଗଡ଼ା : ରାୟଗଡ଼ା ସହରରେ ଟ୍ରାଫିକ ବ୍ୟବସ୍ଥା ନ କହିବା ଭଲ । ରାୟଗଡ଼ା ସହର ମେରୁଦଣ୍ଡ କହିଲେ ଗୋଟିଏ ରାସ୍ତାକୁ ବୁଝାଇ ଥାଏ ତାହା ହେଉଛି ରାୟଗଡ଼ା ମେନରୋଡ଼ । ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଓଡ଼ିଶାକୁ ସଂଯୋଗ କରୁଥିବା ଏକ ମାତ୍ର ରାସ୍ତା ରାୟଗଡ଼ା ମେନ୍ ରୋଡ । ଯେଉଁ ରାସ୍ତା ସବୁବେଳେ ଜନଗହଳି ପୂର୍ଣ୍ଣ ହୋଇ ରହିଥାଏ । ମୁଖ୍ୟତଃ ଏହି ରାସ୍ତା ଦେଇ ହିଁ ଜରୁରି ଚିକିତ୍ସା ସେବା ପାଇବା ପାଇଁ ଏମ୍ବୁଲାନ୍ସ ଗୁଡ଼ିକ ରୋଗୀଙ୍କୁ ଧରି ଆନ୍ଧ୍ର ପ୍ରଦେଶ ଯାଇଥାଏ । ଏହି ରାସ୍ତାର ଆରମ୍ଭରେ ପ୍ରଥମେ ପୁଲିସ୍ ଷ୍ଟେସନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ଷ୍ଟେଟ ବ୍ୟାଙ୍କ, ମୁଖ୍ୟ ବଜାର ଯିବାକୁ ରାସ୍ତା ଏବଂ ଦୁଇ ଗୋଟି ଡାକ୍ତରଙ୍କ କ୍ଲିନିକ୍, ଶ୍ରଦ୍ଧା ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ପେଟ୍ରୋଲ ବଙ୍କ ଏବଂ ସବୁଠାରୁ ଅଧିକ ଜନ ଗହଳି ପୂର୍ଣ୍ଣ ଅଞ୍ଚଳ ହେଉଛି ମାଁ ମଝିଘରିଆଣୀ ମନ୍ଦିର ନିକଟ । ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଗାଡ଼ି ଚାଳକ ମାନେ ଜାଣିଶୁଣି ରାସ୍ତା




ଉପରେ ଗାଡ଼ି ପାର୍କିଂ କରି ଘଣ୍ଟା ଘଣ୍ଟା ଧରି କୁଆଡେ ଚାଲି ଯାଆନ୍ତି ତ ଆଉ କିଏ ଘରେ ଯାଇ ରୁହନ୍ତି । ଚାରି ଚକିଆ ଛଅ ଚକିଆ ଓ ବଡ଼ ବଡ଼ ମାଲ୍ ବୋଝେଇ ଟ୍ରକ ମଧ ରାସ୍ତା ଉପରେ ରଖି ଚାଲି ଯାଉଛନ୍ତି ବୋଲି କହିଛନ୍ତି । ଆଉ କିଛି ଟ୍ରକ ମାଲିକ ମାଲ୍ ବୋଝେଇ ଗାଡ଼ି ଧରି ଆସି ମେନ ରୋଡ ଉପରେ ଗାଡ଼ି ଠିଆ କରି ଅନ୍ୟ ଦିନ ସକାଳେ ଗାଡି ନେଇକି ଯାଆନ୍ତି । ସେହିଭଳି ବ୍ୟାଙ୍କ୍ ସମ୍ମୁଖରେ ମଧ ଅଟୋ ଚାଳକ ମାନେ ଭିଡ଼ ଜମାଇ ରହୁଛନ୍ତି । ଯାହାଦ୍ୱାରା ବ୍ୟାଙ୍କ୍ ସମ୍ମୁଖରେ ଓ ବ୍ୟାଙ୍କକୁ ଆସୁଥିବା ଗ୍ରାହକ ନିଜ ନିଜର ଦୁଇ ଚକିଆ ଓ ଚାରି ଚକିଆ ଯାନ ପାର୍କିଂ କରି ପାରୁ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଅନ୍ୟ ପକ୍ଷରେ ସଂକୀର୍ଣ୍ଣ ରାସ୍ତା ସାଙ୍ଗକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଚେରି ଠାରେ ଅଟୋ ଚାଳକ ମାନେ ଓ କିଛି ଦୋକାନୀ ନିଜ ଦୋକାନର ନାମ ଫଳକ ଗୁଡ଼ିକର ଲୁହାରେ ତିଆରି ବର୍ଡ ଗୁଡ଼ିକ ରାସ୍ତା ଉପରେ ରଖୁଥିବା ଯୋଗୁଁ ଯାତାୟାତ ରେ ଅସୁବିଧା ହେଉଥିବା ଜନସାଧାରଣ ରେ ଅଭିଯୋଗ ହେଉଛି । ରାସ୍ତା ଅବରୋଧ କରି ଅଟୋ ଗୁଡ଼ିକ ରଖୁଥିବା ଯୋଗୁଁ ଏମ୍ବୁଲାଂସ, ପୁଲିସ ଗାଡ଼ି, ସ୍କୁଲ କଲେଜ ବସ , ଜନ ସାଧାରଣଙ୍କ ଯାନବାହନ ଯାତାୟାତରେ ବାଧା ପ୍ରାପ୍ତ ହେଉଥିବାର ଦେଖିବାକୁ ମିଳୁଛି । ଏହି ପ୍ରକାର ଅବୈଧ ପାର୍କିଂ କରିବା ଯୋଗୁଁ ଜରୁରି କାଳୀନ ସେବା ବାଧାପ୍ରାପ୍ତ ହେବା ସହ ଅନେକ ଛଟ ବଡ ଦୁର୍ଘଟଣା ମଧ ଘଟିଥାଏ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ବାରମ୍ବାର ଏହିଭଳି ଅବୈଧ ପାର୍କିଂ ବ୍ୟବସ୍ଥା ଯୋଗୁଁ ସ୍ଥାନୀୟ ବାସି ଏବଂ ଯାତାୟତରେ ଜନ ସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ସ୍କୁଲ କଲେଜ୍କୁ ଯାଉଥିବା ଛାତ୍ର ଛାତ୍ରୀ ନିଜ ନିଜର ନିର୍ଦ୍ଧାରିତ ସମୟରେ ସ୍କୁଲ କଲେଜରେ ପହଞ୍ଚି ପାରୁ ନାହାଁନ୍ତି ବୋଲି ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଛି ଅନେକ ଥର ଟ୍ରାଫିକ ଡ୍ୟୁଟିରେ ଥିବା ହାବିଲଦାର ମାନଙ୍କୁ ମଧ ଅଭିଯୋଗ କରିଲେ ସୁଦ୍ଧା କିଛି ସମୟ ପାଇଁ ଅମାନିଆ ଗାଡ଼ି ଚାଳକ ମାନେ ଗାଡ଼ି ରାସ୍ତାରୁ କାଢି ଦେଇ ପୁଣିଥରେ ରାସ୍ତା ଅବରୋଧ କରି ରଖନ୍ତି । ରାୟଗଡ଼ା ପୋଲିସ ଓ ପୌର ପରିଷଦ ଦ୍ୱାରା ଏହିଭଳି ଟ୍ରାଫିକ ସମସ୍ୟାର ଅତିଶୀଘ୍ର ସମାଧାନ ହେବା ଜରୁରି ଅଟେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଆଗାମୀ ଦିନରେ ଏହିଭଳି ସମସ୍ୟାର ସମାଧାନ ନ ହେଲେ ଅବୈଧ ଗାଡ଼ି ପାର୍କିଂ ଯୋଗୁଁ ବହୁମୂଲ୍ୟ ଧନ ଜିବନ କ୍ଷତି ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

# ଜଖପୁରା ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ୍ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କିନ୍ତୁ ପଞ୍ଚାୟତ ଅନ୍ଧକାରମୟ




କଳିଙ୍ଗନଗର : ପ୍ରତ୍ୟେକ ପଞ୍ଚାୟତରେ ଷ୍ଟିଟ ଲାଇଟି ଲଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ।କିନ୍ତୁ ଏବେବି ବହୁତ ପଞ୍ଚାୟତ ଅନ୍ଧାର ତ କେଉଁଠି ଲାଇଟ ମିଳି ମିଳି କରୁଛି।ଏଥିପାଇଁ ସରକାର ପାଖରୁ ଠିକାଦାର ପାଖକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ଆଦେଶ ଥିଲେ ମଧ୍ୟ କାର୍ଯ୍ୟକାରୀତା ଉପରେ ପ୍ରଶ୍ନ ଉଠିଛି। ସୂଚନା ଅଧିକାର ଆଇନର ତଥ୍ୟ ଅନୁସାରେ ଗୋଟିଏ ଗୋଟିଏ ପଞ୍ଚାୟତ ରେ ଲାଗିଥିବା ଲାଇଟିର ଦାମ୍ ଅନୁସାରେ ୨୦୧୭ ରୁ ୨୦୧୯ ଓ ୨୦୨୩-୨୪ ରେ ମୋଟ ପାଖାପାଖି ୩୫ ଲକ୍ଷ ଟଙ୍କା ବ୍ୟୟରେ ଲାଇଟି ଲଗାଇ ପଞ୍ଚାୟତ ରେ ଅନ୍ଧକାର ଦୂର କରିବା ପାଇଁ ଚେଷ୍ଟା କରିଥିବା ବେଳେ ଗାଁ ଗୁଡିକୁ ଦେଖିଲେ ଲାଗୁନି କି ଆଲୋକିତକରଣ କରିବା ରେ ବିଭାଗ ସଫଳ ହୋଇଛନ୍ତି। ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଲାଇଟି ଲଗାଇ ବାରେ ବହୁତ ହେରାଫେରୀ ହୋଇଥିବା ସାଧାରଣ ରେ ମଧ୍ୟ ଆଲୋଚନା ହେଉଛି। ତଥ୍ୟ ଅନୁଯାୟୀ ୨୦୧୭-୧୮ ଆର୍ଥିକ ବର୍ଷ ରେ ଜଖପୁରା ଗ୍ରାମପଞ୍ଚାୟତ ରେ ୨ଟି ବଲ୍ ରେ ମୋଟ ୧୩ ଲକ୍ଷ ୪୯ ହଜାର ୯୫୦ ଟଙ୍କା (୧୪୯୯୦୦, ୧୨୦୦୦୫୦ ) ବିରଜା ଇଲେକ୍ଟ୍ରିକାଲ ର ଠିକାଦାର ୪୯ ଟି ଲାଇଟି ଲଗାଇ ବିଲ୍ ନେଇଥିବା ବେଳେ ଆର୍ଥିକ ବର୍ଷ ୨୦୧୮ - ୧୯ ରେ ମା' ଇଲେକ୍ଟ୍ରିକାଲ ର ଠିକାଦାର ମୋଟ ୪୧ଟି ଲାଇଟି ଲଗାଇ ୭ଲକ୍ଷ ହଜାର ୭୪୨ ଟଙ୍କା ବିଲ୍ ନେଇଥିବାରେ ସୂଚନା ମିଳିଛି। ମାତ୍ର ଦାନଗଦୀ ବ୍ଲକ ତରଫରୁ ସୂଚନା ଅଧିକାର ଆଇନ୍ ରେ ଥିବା ସୂଚନା ଅନୁଯାୟୀ ୨୦୨୧ରୁ ୨୦୨୩ ସୁଧା କୌଣସି ଆଲୋକିକରଣ ପାଇଁ ସରକାରୀ ଯୋଜନା ଆସିନଥିବାରୁ ୨୦୨୪ ରେ ଦାନଗଦୀ ବ୍ଲକ ରେ ଥିବା ୨୩ ଟି ପଞ୍ଚାୟତ ପାଇଁ ପାଖାପାଖି ୩୨ ଲକ୍ଷ ଟଙ୍କା ରେ ଆଲୋକିକରଣ କରିବପାଇଁ ଆସିଥିବା ର ଗୋଟିଏ ଗୋଟିଏ ପଞ୍ଚାୟତ ପାଇଁ ପାଖାପାଖି ୧୪ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା କାର୍ଯ୍ୟ କରୁଥିବା ଠିକାଦାର ସୂଚନା ଦେଇଥିବା ଦେଖିବାକୁ ମିଳିଛି। ମାତ୍ର ୧୭ ଟି ପଞ୍ଚାୟତ ରେ କାର୍ଯ୍ୟ ସରିଥିବା ବେଳେ ଆଉ ୬ଟି ପଞ୍ଚାୟତ ରେ କାର୍ଯ୍ୟ ଚାଲୁଥିବା ସୂଚନା ମିଳିଛି। ଯାହା କି ଆଲୋକିକରଣ ରେ ମହା ଘୋଟାଲା ହୋଇଥିବା ର ବ୍ଲକ ବାସୀ ଆଲୋଚନା କରୁଥିବା ବେଳେ ସଂପୃକ୍ତ ସରକାରୀ ବିଭାଗ ସମ୍ପୂର୍ଣ୍ଣ ନିରବ ରହିବା ପଛରେ କଣ କାରଣ ବୋଲି ସାଧାରଣ ରେ ପ୍ରଶ୍ନ ଉଠୁଅଛି। ଯାହା ତଦନ୍ତ ସାପେକ୍ଷ ବୋଲି ସାଧାରଣ ରେ ଦାବୀ ହେଉଛି। ଯାହା କୁ ଜିଲ୍ଲା ପ୍ରସାସନ ଗମ୍ଭୀରତା ର ସହିତ ନେଇ ପୂର୍ବରୁ ହୋଇଥିବା ଆଲୋକିକରଣ ଓ ବର୍ତ୍ତମାନ ହେଉଥିବା କାର୍ଯ୍ୟ ର ତଦାରଖ କରି ସମ୍ପୂର୍ଣ୍ଣ ସତ୍ୟ ବାହାରକୁ ଆଣିବା ର ଆବଶ୍ୟକ ରହିଛି। ଯେଉଁ ଲାଇଟି ର ବଜାର ମୁଲ୍ୟ ୩ରୁ ୪ ହଜାର ଟଙ୍କା ରେ ଉପଲବ୍ଧ ହେଉଥିବା ବେଳେ ସେହି ଲାଇଟି ଟି ଲଗାଇ ଲକ୍ଷ ଲକ୍ଷ ଟଙ୍କା ବିଲ୍ କରିଛନ୍ତି। ପ୍ରଶାସନ ଏହି ବିଷୟରେ ଗମ୍ଭୀର ତା ନେଇ ତଦନ୍ତ କାରିବାକୁ ସର୍ବସାଧାରଣରେ ଚର୍ଚ୍ଚା ହେଉଛି।ଏଠି ପ୍ରଶ୍ନ ଉଠୁଛି ଷ୍ଟିଟ ଲାଇଟି ବାବଦ କୁ ଯଦି ଗୋଟିଏ ପଞ୍ଚାୟତ ରେ ଏତିକି ବିଲ ହୋଇଛି ଓ ତେବେ ସମୁଦାୟ ବ୍ଲକରେ କେତେ ଖର୍ଚ୍ଚ ହୋଇଥିବ ବ୍ଲକ ରେ ବହୁ ପଞ୍ଚାୟତରେ ଷ୍ଟିଟ ଲାଇଟି ଖରାପ ଓ ଅନ୍ଧାର ମୟ ନେଇ ଜନ ଅସନ୍ତୋଷ ଦେଖାଦେଉଛି।

## ପୋଡାଖୁଟ ଗାଁ ଦାଣ୍ଡରେ ଆଣ୍ଠୁଏ କାଦୁଅ ଛଅ ସାତ ବର୍ଷ ହେଲାଣି ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ



ନୂଆପଡ଼ା : ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଖଇରା ଗ୍ରାମ ପଞ୍ଚାୟତ ଅମେରା ଗ୍ରାମର ପୋଡାଖୁଟ ପଡ଼ା ରେ ଆଣ୍ଠୁଏ କାଦୁଅ ହୋଇଛି ଗ୍ରାମ ବାସୀ ଏହି ଆଣ୍ଠୁଏ କାଦୁଅ ରେ ଯିବା ଆସିବା ର ଅସୁବିଧା ଭୋଗୁଛନ୍ତି । ଏଭଳି ଛଅ ସାତ ବର୍ଷ ହେଲା ଗ୍ରାମ ବାସୀ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ଖରାଦିନେ ଯେମିତି ସେମିତି ରେ ଗାଁ ଲୋକେ ଯାତା ୟତ କରୁଛନ୍ତି ବର୍ଷା ଦିନ ଆସିଗଲେ ଗାଁ ଲୋକେ ଦୁଃଖ ଦ୍ୱିଗୁଣିତ ହେହୁଛି ଗାଁ ରାସ୍ତା କଂକ୍ରିଟ ହୋଇଥିବାବେଳେ ଡ୍ରେନ ସୁବିଧା ନାହିଁ । ଫଳରେ ବର୍ଷା ପାଣି ଗାଁ ଦାଣ୍ଡରେ ଜମା ହୋଇ ରହିଥିବା ରୁ କାଦୁଅ ସୃଷ୍ଟି ହେଉଛି କ୍ଷ ଏହି କାଦୁଅ ରେ ସ୍କୁଲ ଛାତ୍ର ଛାତ୍ରୀ, ଗ୍ରାମ ବାସୀ ଯାତାୟତ କରୁଛନ୍ତି ଲତ ପତ କାଦୁଅ ଛୋଟ ପିଲାମାନେ ବୟସ୍କ ବୁଢ଼ା ବୁଢ଼ୀ ମାନେ ସ୍ଲିପ ହୋଇ ଖଣ୍ଡିଆ ଖବରା ହେଉଛନ୍ତି । ଅନ୍ୟ ପକ୍ଷେ ଗାଁ ଲୋକଙ୍କ ନିର୍ଗତ ଆବର୍ଜନା ପାଣି ମଧ୍ୟ ଗାଁ ଦାଣ୍ଡରେ ଗଡୁଛି ଏବେ ଗାଁ ଦାଣ୍ଡ ସନ୍ତ ସନ୍ତିଆ ହୋଇ ମଶା ଓ ମାଛି ବଂଶ ବିସ୍ତାର ସହାୟକ ଲାଗିବାର ଲାଗିଛି କ୍ଷ ଡ୍ରେନ ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ । ଫଳରେ ଗାଁ ପରି ମଳ ବ୍ୟବସ୍ଥା ବିପଯ୍ୟସ୍ତା ହୋଇପଡିଛି ଏ ନେଇ ଗ୍ରାମ ବାସୀ ପଞ୍ଚାୟତ କର୍ତୃପକ୍ଷ ଙ୍କୁ ବାରମ୍ବାର ଅବଗତ କରିଥିଲେ କୌଣସି ସୁଫଳ ମିଳିନଥିବ ପ୍ରକାଶ କରିଛନ୍ତି ଏ ଭଳି ଅ୍ୟବସ୍ଥାକୁ ନେଇ ଗାଁ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଏଣୁ ତୁରନ୍ତ ଗାଁ ରାସ୍ତାକୁ ମରା ମତି କରି ଯାତାୟତ ଉପଯୋଗୀ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ସାମାଜିକକର୍ମୀ ସୁନା ସମେତ ଗ୍ରାମ ବାସୀ ଦାବି କରୁଛନ୍ତି ।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର, ପଲିଥିନ ତଳେ ରାତି ବିତାଉଛନ୍ତି ପରିବାର ଲୋକେ

ମାଲକାନଗିରି, : ଲଗାଣ ବର୍ଷାରେ ମାଲକାନଗିରି ଜିଲ୍ଲା ହନ୍ତସନ୍ତ ହୋଇ ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ କାଲିମେଲା ତଥା ପଡ଼ିଆ ବ୍ଲକ ରେ ଏହାର ପ୍ରଭାବ ଅଧିକ ଦେଖାଯାଇଛି । କାଲିମେଲା ଏବଂ ପଡ଼ିଆ ବ୍ଲକ ର ବିଭିନ୍ନ ସ୍ଥାନରେ ବର୍ଷା ଯୋଗୁଁ ବାରମ୍ବାର ପୋଲ ଗୁଡିକ ବୁଡି ଯାତାୟାତ ବାଧାପ୍ରାପ୍ତ ହେଉଥିବା ଦେଖାଯାଇଛି । ସେହିପରି ଲଗାଣ ବର୍ଷା ଯୋଗୁ ପଡ଼ିଆ ବ୍ଲକ ସିମିଳି ବାଂଚା ପଂଚାୟତ ଅନ୍ତର୍ଗତ ଏମ୍ ଭି ୬୦ ଗ୍ରାମର ବାବୁଲାଲ ବାଲାଙ୍କ ଘର ଭୁଶୁଡ଼ିବା ଘଟଣା ସାମ୍ନାକୁ ଆସିଛି । ପରିବାର ଲୋକେ ରାତିରେ ଶୋଇଥିବା ସମୟରେ ମାଟି ଘର କାନ୍ଥ ଶନିବାର ରାତି ପ୍ରାୟ ୨ ଟା ସମୟରେ ଭୁଶୁଡ଼ି ଯାଇଥିବା ବେଳେ ଅଳ୍ପକେ ବର୍ତିଲେ ପରିବାର ଲୋକେ । ତେବେ ଆସବାବ ପତ୍ର କ୍ଷୟକ୍ଷତି ଘଟିଥିବା ଦେଖିବାକୁ ମିଳିଛି। ବାବୁଲାଲ ଏକ କୃଷକ ହୋଇଥିବା ବେଳେ ତାଙ୍କ ପରିବାରରେ ସ୍ତ୍ରୀ ଓ ୩ ପୁଅ ବାସ କରନ୍ତି। ଅଭାବ ଅନଟନରେ ତିନି ପୁଅ କୁ ପାଠ ପଢ଼ାଇବା , ନିଜ ପରିବାରର ପେଟ ପୋଷଣ ସହ ଭୁସୁଡ଼ିଥିବା ଘର ମରାମତି ବାବୁଲାଲଙ୍କ ଦ୍ୱାରା ସମ୍ଭବ ହୋଇପାରୁନାହିଁ । ତେଣୁ ତିନି ପୁଅଙ୍କ ପାଠପଢ଼ା ମାମୁ ଘର ଉପରେ ନିର୍ଭର କରୁଥିବା ଦେଖାଯାଇଛି । ସେପଟେ ବାରମ୍ବାର ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରେ ଆବେଦନ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସରକାରୀ ସୁବିଧା ମିଳିପାରି ନାହିଁ ବୋଲି ସେ କହିଛନ୍ତି। ଆବାସ ଗୃହ ପାଇବା ଯୋଗ୍ୟ ଥିବା ସୁଦ୍ଧା ଏପର୍ଯ୍ୟନ୍ତ ଆବାସ ଗୃହ ନପାଇବା ସରକାରୀ ସୁବିଧା ନପାଇବା ପ୍ରଶାସନିକ ଅଧିକାରୀଙ୍କ ଦୁର୍ବଳତାକୁ ଦର୍ଶାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ରାଜସ୍ୱ ନୀରିକ୍ଷକ ଖବର ପାଇ ତାଙ୍କୁ ପଲିଥିନ ବଂଟନ କରିଥିବା ଦେଖିବାକୁ ମିଳିଛି। ସେହିପରି ପଂଚାୟତର ଯୋଗାଣ ସହାୟକ ତାଙ୍କ ଘରକୁ ଯାଇ ୧୦କେଜି ଚାଉଳ ପ୍ରଦାନ କରିଥିବା କରିଛନ୍ତି । ଏବାବଦରେ ପଂଚାୟତ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ନାୟକଙ୍କୁ ଯୋଗାଯୋଗ କରିବାରୁ ଆଗାମୀ ଦିନରେ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ଖୁରୀପାଣି କେନ୍ଦୁପତ୍ର ଫଡିଘରକୁ ଦୁର୍ବୃତ୍ତ ପୋଡି ଦେଇଥିବା ଅଭିଯୋଗ: କେନ୍ଦୁପତ୍ର ନଷ୍ଟ

ବଲାଙ୍ଗିର, : ପାଟଣାଗଡ଼ କେନ୍ଦୁପତ୍ର ଡିଭିଜନ ଅନ୍ତର୍ଗତ ଖପ୍ରାଖୋଲ ରେଞ୍ଜର ଖୁରୀପାଣି କେନ୍ଦୁପତ୍ର ଫଡିଘରକୁ କେହି ଜଣେ ଦୁର୍ବୃତ୍ତ ପୋଡି ଦେଇଥିବା ଲାଠୋର ଥାନାରେ ଅଭିଯୋଗ ହୋଇଛି । କେନ୍ଦୁପତ୍ର ଖରିଦ କାର୍ଯ୍ୟ ସମାପ୍ତ ହେବାପରେ ଏବେ ବିଭିନ୍ନ କେନ୍ଦୁପତ୍ର ଗୋଦାମ ଘରେ କେନ୍ଦୁପତ୍ର ମହଜୁଦ ଅଛି । ପ୍ରଥମ ପର୍ଯ୍ୟାୟରେ ଅନେକ ଗୋଦାମ ଘରେ କେନ୍ଦୁପତ୍ର ବନ୍ଧେଇ କାର୍ଯ୍ୟ ଚାଲିଛି । ଖପ୍ରାଖୋଲ ରେଞ୍ଜ ଅଧିନସ୍ଥ ଲାଠୋର ଥାନା ଅନ୍ତର୍ଗତ ଖୁରୀପାଣି କେନ୍ଦୁପତ୍ର ଗୋଦାମ ଘରକୁ ଶୁକ୍ରବାର ରାତିରେ ପୋଡି ଦିଆଯାଇଥିବା ନେଇ ଖପ୍ରାଖୋଲ କେନ୍ଦୁଲିଫ ରେଞ୍ଜର ଦାୟିତ୍ୱରେ ଥିବା ଅରବିନ୍ଦ ପଣ୍ଡା ଲାଠୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଖୁରୀପାଣି କେନ୍ଦୁପତ୍ର ଗୋଦାମ ଘରେ ଚଳିତ ସିଜନରେ ୪ ଲକ୍ଷ ୮୯ ହଜାର ୭୬ ଟଙ୍କାର ପତ୍ର ଖରିଦ କରାଯାଇଥିଲା । ଏହାର ବିକ୍ରି ମୂଲ୍ୟ ଆନୁମାନିକ ୧୫ ଲକ୍ଷ ଟଙ୍କାରୁ ଅଧିକ ହେବ । ବଲାଙ୍ଗିର ଜିଲ୍ଲା ପୋଲିସ ଅଧିକ୍ଷକ ଋଷିକେଶ ଖିଲାରୀ, ଜିଲ୍ଲା କେନ୍ଦୁପତ୍ର ବିଭାଗ ଡିଏଫ୍ଓ ସୁରେଶ ଚନ୍ଦ୍ର ସେଠି, ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୁଝାରୀ, ଲାଠୋର ଥାନାଧିକାରୀ ରାକେଶ ବେହେରା, ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତ୍ର ଘଟଣାସ୍ଥଳର ସରଜମିନ ତଦନ୍ତ କରିଛନ୍ତି । ଗତ କିଛି ବର୍ଷ ଭିତରେ ପାଟଣାଗଡ଼ କେନ୍ଦୁପତ୍ର ଡିଭିଜନରେ କେନ୍ଦୁପତ୍ର ଗୋଦାମ ଘର ପୋଡିଯିବା ଦ୍ୱାରା ବିଭାଗର ଲକ୍ଷାଧିକ ଟଙ୍କା କ୍ଷତି ହୋଇଛି । ଏତେ ପରିମାଣରେ ପୋଡାଇ ଦିଆଯାଇଥିଲେ ମଧ ଦୁର୍ବୃତ୍ତ ମାନଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି । କମ୍ପାନୀ କା ମାଲ୍ ଦରିଆ ମେ ଡାଲ୍ ନୀତିରେ କେନ୍ଦୁପତ୍ର ବିଭାଗର ଅଧିକାରୀ ମାନେ ଚୁପ ଅଛନ୍ତି । କେନ୍ଦୁପତ୍ର ବିଭାଗର ଲୋକେ ସଂପୃକ୍ତ ନଥିଲେ ଏଭଳି ବାରମ୍ବାର କେନ୍ଦୁପତ୍ର ଗୋଦାମ ଘର ପୋଡିବ ନାହିଁ ବୋଲି ତଥ୍ୟଭିଜ୍ଞ ମହଲ ବିଶ୍ୱାସ କରିଛି । ବର୍ଷକୁ ବର୍ଷ ପାଟଣାଗଡ଼ ଡିଭିଜନରେ କେନ୍ଦୁପତ୍ର ଗୋଦାମ ଘର ପୋଡିଥିବା ଯୋଗୁଁ ଓ ଏଥି ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହୋଉଥିବାରୁ ଏହି ଘଟଣା ତଦନ୍ତଭାର ରାଜ୍ୟ କ୍ରାଇମବ୍ରା ହାତରେ ନ୍ୟସ୍ତ କରିବା ଦରକାର ବୋଲି ଜନସାଧାରଣରେ ଆଲୋଚନା ହେଉଛି ।



# Nandini Satpathy: An example of Leadership and Inspiration

Nandini Satpathy, a name synonymous with strength, integrity, and vision, holds a revered place in Indian history. As the first woman Chief Minister of Odisha, she broke barriers and set new standards for leadership in a time when politics was overwhelmingly male-dominated. Her legacy, which continues to inspire countless individuals, is a testament to her unwavering commitment to the betterment of society. As we approach August 4th, the anniversary of her passing, we reflect on her extraordinary life and the enduring impact of her contributions.

Early Life: Foundations of Leadership Born on June 9, 1931, in Cuttack, Odisha, Nandini Satpathy was destined to become a leader. Her father, Bhagabati Charan Panigrahi, was a prominent freedom fighter and the founder of the Communist Party of India in Odisha. His deep involvement in the fight for India's independence and social justice left an indelible mark on young Nandini, instilling in her a sense of duty and a passion for public service.""Nandini's education at Ravenshaw College, one of the leading institutions in Odisha, further shaped her intellectual and political outlook. She was a brilliant student with a keen interest in literature, history, and political science, subjects that would later inform her approach to governance and leadership. Her early involvement in student politics provided her with the skills and experience needed to navigate the complex world of Indian politics. Political Career: Breaking Barriers""Nandini Satpathy's political journey began with her association with the Congress Party. Her talent and dedication quickly earned her recognition, and in 1962, she was elected to the Rajya Sabha. Her tenure in the Rajya Sabha was marked by her eloquent speeches and her advocacy for issues such as social justice, women's rights, and rural development. She was a formidable presence in Parliament, known for her intellect, integrity, and deep commitment to her constituents.""In 1972, Nandini Satpathy achieved a historic milestone by becoming the first woman Chief Minister of Odisha. Her appointment was a significant achievement, not just for herself but for the entire country, as it signaled a shift towards greater inclusion of women in the highest echelons of power. As Chief Minister, Nandini Satpathy faced numerous challenges, but her leadership was characterized by a focus on development, social welfare, and the empowerment of marginalized communities.""One of her most notable initiatives was the emphasis on education, particularly for women and girls. She believed that education was the key to breaking the cycle of poverty and empowering individuals to achieve their full potential. Under her leadership, Odisha saw significant improvements in literacy rates and educational infrastructure, particularly in rural areas.

Advocate for Women's Rights Throughout her career, Nandini Satpathy was a staunch advocate for women's rights. She rec-



ognized the systemic barriers that women faced in Indian society and worked tirelessly to dismantle them. Her support for the Hindu Code Bill, which sought to grant women equal rights in matters of inheritance, marriage, and adoption, was a landmark contribution to the cause of gender equality in India.

Nandini Satpathy also championed the cause of women's education and employment, understanding that economic independence was crucial for women's empowerment. She encouraged the establishment of vocational training centers for women and worked to ensure that they had access to resources and opportunities that would enable them to lead independent and fulfilling lives. Her efforts extended beyond legislation and policy. Nandini Satpathy was a mentor and role model to many young women, inspiring them to pursue careers in politics, education, and social work. Her life and work demonstrated that women could lead with strength, compassion, and wisdom, challenging the traditional norms of Indian society.""A Legacy of Integrity and Compassion""Nandini Satpathy's legacy is not only defined by her political achievements but also by her unwavering integrity and compassion. She was a leader who placed the welfare of her people above all else. Her government's focus on rural development, poverty alleviation, and social welfare programs reflected her deep empathy for the underprivileged and her commitment to creating a more just and equitable society.""Even in the face of political challenges and controversies, Nandini Satpathy remained true to her principles. She was known for her honesty and transparency, qualities that earned her the respect and admiration of her colleagues and constituents alike. Her leadership was guided by a deep sense of morality and a commitment to doing what was right, regard-



**Nihar Ranjan Acharya**

less of the political cost. Inspiration for the Future""As we remember Nandini Satpathy on August 4th, we celebrate a leader whose life was dedicated to the service of her people. Her legacy continues to inspire future generations, particularly women, who see in her a role model of courage, strength, and resilience. Her contributions to Indian politics and society have left an indelible mark, and her vision for a just and inclusive society remains relevant today. Nandini Satpathy's life teaches us the importance of standing up for what is right, of leading with compassion and integrity, and of never losing sight of our responsibility to those less fortunate. As we reflect on her life and legacy, let us draw inspiration from her example, striving to build a society that is more just, compassionate, and inclusive—a society that Nandini Satpathy herself would have been proud of.

Founder and Working Director,
***TRUST"Ph. 8249775817***
***E-mail: nihar.acharya@ rediffmail.com***

# EurogripTyresshowcases latest range of products at Latin Tyre & Auto Expo 2024 in Panama

Chennai: Eurogrip Tyres, one of the fastest-growing global brands in the powered 2-wheeler, 3-wheeler andOff-Highway Tyre categories, participated in Latin Tyre &Auto Parts Expo in Panama and exhibited their latest products at booth number 237. The exhibition which started on July 31stwill go on till 3rdAugust 2024 at Panama Convention Centre, Panama. The tyre major displayed off-road tyres used in Construction Machinery Industries, Tractors, Tillers, Ballers and other Agricultural Machineries and 2W Tyresfor adventure touring, steel belted radials for superbikes, high performance 2-wheeler tubeless tyres and 3-wheeler tyres including popular patterns such as




Climber, Bee Connect, Roadhound, Trailhound STR, Terrabite, Badshah, Beamer VS, Jumbo TL and Jaya LX. In the Off Highway Tyre segment, various models of Industrial and Agricultural tyres were showcased.Commenting on the participation in the prestigious expo, Eurogrip Tyres' spokesperson said, "Latin America and the Caribbean are important markets for Eurogrip Tyresand undoubtedly, Latin Tyre & Auto Parts Expo is an important event to be apart of. Itisvery encouraging to see a plethora of visitorsin our stand and we are happy to showcase our product range and engage with them. We are sure this will aid our brand's exponential growth in the LATAM region." Two new off-highway tyre patterns - one in construction and one in agriculture were launched at the exhibition. One of the newly introduced patterns was BL 54 L-4 tyre which can be used for heavy duty construction applications. The most popular size in the Americas - 19.5L-24 – was on display. The BL 54 has a deep tread design and is best suited for backhoe loaders, industrial tractors, compact wheel loaders and telescopic handlers for highly abrasive surfaces. This is the first L-4 tyre for construction segments with rim sizes 18 inches and above. There are 6 more sizes which will be launched in the first quarter of 2025.The TR 72 R-2, the other pattern, which was launched, is a very deep lug tractor tyre best suited for extremely wet underfoot conditions, like in paddy and sugarcane cultivation. The TR 72 is designed to provide high traction in slushy conditions. The deep R-2 treads can dig deep into the soil to provide consistent traction with minimal slippage. The ideally angled and spaced lugs provide excellent self-cleaning, which in turn aids better traction.More than 650 international exhibitors from tyre manufacturers, tyre service, re-treading and repair companies, auto parts manufacturers, auto service, tools, and equipment to leading companies in the lubricant and oil industry are participating in the event.

# କିଡନୀ ରୋଗରେ ଆକ୍ରାନ୍ତ ଥିବା ଅସହାୟ ପରିବାରକୁ ସହାୟତାର ହାତ ବଢାଇଲେ ହେଲ୍ପ ଫର ୟୁ ଫାଉଣ୍ଡେସନ



ରେମୁଣା, : ସତରେ ଦୁଃଖ ଯେତେବେଳେ ଆସେ ଯେମିତି ତାର ବନ୍ଧୁ ବାନ୍ଧବକୁ ଧରି ଆସେ,ଏହି ପରିବାରକୁ ଯେମିତି ଦୁଃଖର କଳା ବାଦଲ ର ଛାଇ ଘୋଟି ଆସିଛି, ପରିବାର ବେଶ ହସ ଖୁସିରେ ଚାଲି ଥିଲା ହେଲେ ଭଗବାନଙ୍କର ବିଚିତ୍ର ଲୀଳା।ଯେଉଁ ପୁଅ ରୋଜଗାର କରି ପରିବାର ପ୍ରତିପୋଷଣ କରି ବାପା ମାଆଙ୍କ ଦୁଃଖକୁ ନିବାରଣ କରୁଥିଲା, ଆଜି ସେଇ ପୁଅ ବିଛଣାରେ ପଡି ଜୀବନ, ମୃତ୍ୟୁ ସହିତ ସଂଗ୍ରାମ କରୁଛି। ଆଜି ବାପା ମାଆଙ୍କ ଆଖିରେ ଲୁହ ଶୁଖୁ ନାହିଁ।ବାପା ମାଆ ଜମି ଜାଗା ଯାହା କିଛି ସ୍ୱଳ୍ପ ଥିଲା,ତାହା ମଧ୍ୟ ବିକ୍ରି କରି ସାରିଲେଣି। କ୍ଷୀରୋଦ କୁମାର ଦାସ ଆଜି ବଞ୍ଚିବା ପାଇଁ ଓଡ଼ିଶା ବାସିଙ୍କ ପାଖରେ ନେହୁରା ହେଉଛନ୍ତି, କାରଣ ତାଙ୍କର ଦୁଇଟି କିଡନୀ ନଷ୍ଟ ହୋଇ ଯାଇଛି। ଆଉ ତାଙ୍କ ବାପା ତାଙ୍କ ପୁଅଙ୍କୁ ଗୋଟିଏ କିଡନୀ ଦେବେ ।ମାତ୍ର ଅସ୍ତ୍ରୋପଚାର ପାଇଁ ଅର୍ଥ ସାଜିଛି ବାଧକ। ଏହି ଘଟଣାଟି ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ଶ୍ରୀଜଙ୍ଗ ପଞ୍ଚାୟତର ଶ୍ରୀରାମପୁର ଗ୍ରାମର କ୍ଷୀରୋଦ କୁମାର ଦାସଙ୍କ ଘରେ ଘଟିଛି।ଏହି ଦୁଃଖଦ ଖବର ସେଠାକାର ଅଞ୍ଚଳବାସୀ ହେଲ୍ପ ଫର ୟୁ ଫାଉଣ୍ଡେସନର ସଭାପତି -ମାନସ ରଞ୍ଜନ ଧଳଙ୍କୁ ଅବଗତ ପରେ ସଙ୍ଗଠନର ସମସ୍ତ ସଦସ୍ୟ ସଦସ୍ୟା ମାନେ ସହାୟତା କରିବା ପାଇଁ ଅଣ୍ଟା ଭିଡିଥିଲେ ।ସଙ୍ଗଠନ ର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କର କିଛି କିଛି ଆର୍ଥିକ ଅବଦାନ ବଳରେ କ୍ଷୀରୋଦର ଚିକିତ୍ସା ପାଇଁ ଆର୍ଥିକ ସହାୟତା ପାଇଁ ନଗଦ ସାତ ହଜାର ଟଙ୍କା , ପରିବାରକୁକୁ ନୂତନ ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି।କାରଣ ସାହାଯ୍ୟ କରିବା ପାଇଁ କେବଳ ଧନର ଆବଶ୍ୟକତା ପଡ଼େ ନାହିଁ, ତା ପାଇଁ ଗୋଟିଏ ଭଲ ମନର ଆବଶ୍ୟକତା ପଡିଥାଏ। ହେଲ୍ପ ଫର ୟୁ ଫାଉଣ୍ଡେସନର ଭାଇ ଭଉଣୀ ମାନଙ୍କର ମହାନତା ପଣିଆ ଆଜି ଜୀବନର ମୂଲ୍ୟ ବୋଧତାକୁ ବୁଝାଇ ଦେଉଛି ଯେ ନିଜ ପାଇଁ ନୁହେଁ ବରଂ ଅନ୍ୟର ଖୁସି ପାଇଁ ବଞ୍ଚିବାଟା ହିଁ ଜୀବନ ହୋଇ ଥାଏ।ଏହି ମହାନ କାର୍ଯ୍ୟକୁ ଅଞ୍ଚଳବାସୀ ଭୁରି ଭୁରି ପ୍ରଶଂସା କରିଛନ୍ତି।

## ୧୬ ନଂ ଜାତୀୟ ରାଜପଥରେ ଟାୟାର ଜାଳି ଅବରୋଧ

# ଚିକିତ୍ସା ହେଲଥ୍ କେୟାର ବିରୋଧରେ ରାଜ ରାସ୍ତାରେ ଗର୍ଜିଲେ ଆମ୍ବୁଲାନ୍ସ ଚାଳକ ସଂଘ

ଧର୍ମଶାଳା, : ଯାଜପୁର ଜିଲା ରସୁଲପୁର ବ୍ଲକ ଓଡିଶୋ ପଂଚାୟତର ମାନପୁର ଗ୍ରାମର ୧୦୮ ଆମ୍ବୁଲାନ୍ସ କର୍ମଚାରୀ ପ୍ରଶାନ୍ତ କୁମାର ଦାସ କାର୍ଯ୍ୟରେ ଥାଇ ଗାଡିରୁ ଖସି ପଡି ମୃତ୍ୟୁ ବରଣ କରିଥିଲେ । ୧୦୮ ଦାୟିତ୍ୱରେ ଥିବା ସଂସ୍ଥା କିଛି ସହାୟତା ଦେଇ ନାହିଁ । ଫଳରେ ଆଜି ଯାଜପୁର ଜିଲା ୧୦୮ ଆମ୍ବୁଲାନ୍ସ ଚାଳକ ସଂଘ ପକ୍ଷରୁ କର୍ମଚାରୀମାନେ ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଏକାଠି ହୋଇଥିଲେ । ଚିକିତ୍ସା ହେଲଥ୍ କେୟାର ସଂସ୍ଥା ବିରୋଧରେ ରଣ ହୁଙ୍କାର ଦେଇଥିଲେ । ପ୍ରତିବାଦ ସ୍ୱରୂପ ଆଜି ଜିଲାର ସମସ୍ତ ୧୦୮ ଆମ୍ବୁଲାନ୍ସର ଜିପିଏସକୁ ବନ୍ଦ କରିବା ସହ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ ନ ନେଲେ ଆଗାମୀ ଦିନରେ ରାଜ୍ୟର ୬ ହଜାର ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସେବା ଠପ୍ କରିବେ ବୋଲି ଚେତାବନୀ ଦେଇଥିଲେ । ପରେ ଅପରାହ୍ନରେ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟସ୍ଥ ୧୬ ନଂ ଜାତୀୟ ରାଜପଥରେ ପ୍ରଶାନ୍ତଙ୍କ ମରଶରୀର ବ୍ୟବଚ୍ଛେଦ ହୋଇ ଆସି ପଂହଚିବା ପରେ ସଂଘର କର୍ମଚାରୀ ଉତ୍ୟକ୍ତ ହୋଇ ଶବ ରଖି ଟାୟର ଜାଳି ରାସ୍ତା ଅବରୋଧ କରିଥିଲେ । ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତି ପୁରଣ,ଆମ୍ବୁଲାନ୍ସ କର୍ମଚାରୀଙ୍କୁ ୮ ଘଂଟା ଡିୟୁଟି ଓ ହେଲଥ୍ କେୟାର ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଫଳରେ ଏହି ରାଜପଥ ଉପରେ ପାଖାପାଖି ୧ ଘଂଟା ସମୟ ଗାଡି ଚଳାଚଳରେ ପ୍ରଭାବିତ ହୋଇଥିଲା । ଖବର ପାଇ ଘଟଣାସ୍ଥଳରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁବାଶିଷ ମହାରଣା,ଯାଜପୁର ରୋଡ ଏସ୍‌ଡିପିଓ ସଂଜୟ କୁମାର ପଟ୍ଟନାୟକ,ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ,କୁଆଖିଆ ଥାନା ଅଧିକାରୀ ଓ ବଡଚଣା ଥାନା ଅଧିକାରୀ ଘଟଣାସ୍ଥଳରେ ପଂହଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ । ଫଳରେ ଅଟକିଥିବା ଗାଡିକୁ ଛାଡି ଦିଆ ଯାଇଥିଲା ।

# ଡେଙ୍ଗୁକୁ ନେଇ ଚିନ୍ତାରେ ଚାନ୍ଦବାଲିବାସୀ, ୮ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ

ଭଦ୍ରକ, : ଏହି ଜିଲାର ଚାନ୍ଦବାଲିବାସୀଙ୍କ ମଧ୍ୟରେ ଡେଙ୍ଗୁ ସଂକ୍ରମଣକୁ ନେଇ ଭୟର ବାତାବରଣ ଦେଖାଦେଇଛି। ସମଗ୍ର ରାଜ୍ୟରେ ଏବେ ଡେଙ୍ଗୁ ସଂକ୍ରମଣକୁ ନେଇ ଏବେ ଭୟଭୀତ ରହିଥିବାବେଳେ ଚାନ୍ଦବାଲିରେ ଏହାର ସଂକ୍ରମଣକୁ ନେଇ ଲୋକଙ୍କ ମଧ୍ୟରେ ଏକ କୋକୁଆଭୟ ସୃଷ୍ଟି ହୋଇଛି। ତେବେ ଚାନ୍ଦବାଲି ଏନଏସି ସମେତ ବିଭିନ୍ନ ପଂଚାୟତରେ ବର୍ତମାନ ସୁଦ୍ଧା ୮ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା କଥା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଅଶୋକ ମିଶ୍ର ସୂଚନା ଦେଇଛନ୍ତି। ତେବେ ଏହି ଅଂଚଳରେ ଦିନକୁ ଦିନ ଏହି ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ୧୫ଦିନ ମଧ୍ୟରେ ୮ ଜଣ ରୋଗୀ ଚିହ୍ନଟ ହେବା ପ୍ରଶାସନର ଚିନ୍ତାର କାରଣ ହୋଇଛି। ବ୍ଲକ୍ ପ୍ରଶାସନ ଏହାକୁ ରୋକିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିବା କଥା କହିଛନ୍ତି ଅଂଚଳବାସୀ। ଏନଏସି ପକ୍ଷରୁ ଏହାର ପ୍ରତିକାର ପାଇଁ କେବଳ ଲୋକ ଦେଖାଣିଆ ସ୍ଥାନେ ସ୍ଥାନେ ମଶା ନିପାତ ଧୂଆଁ ସ୍ପ୍ରେ କରାଯିବା ସହିତ ଅଳିଆ ଆବର୍ଜନା ସଫା କରାଯାଉଛି ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଚାନ୍ଦବାଲିରେ ଡେଙ୍ଗୁ ସଂକ୍ରମଣ ରୋକିବା ପାଇଁ ଏନଏସି ପକ୍ଷରୁ ସେମିତି କିଛି ସଚେତନତା କାର୍ଯ୍ୟକ୍ରମ କରାଯାଇନଥିବାର ପରିଲକ୍ଷିତ ହୋଇଛି। କେବଳ ଯାହା ସ୍ପ୍ରେ ମେସିନ୍ ସାହାଯ୍ୟରେ ଲୋକ ଲଗାଇ ଧର୍ମକୁ ଆଖିଠାର ଭଳି କାର୍ଯ୍ୟ କରାଯାଉଛି। ତେବେ ଯେଉଁ ସ୍ପ୍ରେ କରାଯାଉଛି, ତାହା ଯଥେଷ୍ଟ ନୁହଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବିଶେଷକରି ଏହି ରୋଗ ସଂକ୍ରମଣକୁ ରୋକିବା ପାଇଁ ନା ଗାଡି ଅଛି, ନା ଆଖିଦୃଶିଆ ପଦକ୍ଷେପ କରାଯାଉଛି, ଯାହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଘୋର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ତେବେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଂକ୍ରମିତମାନଙ୍କୁ ସଚେତନ କରାଯାଉଛି ବୋଲି ଜଣାପଡିଛି।

## ଋଷିକୂଲ୍ୟା ବଞ୍ଚାଅ ସମ୍ମିଳନୀରେ ଆନ୍ଦୋଳନ ପାଇଁ ଘୋଷଣା

# ପିପଲପଙ୍କାରେ ଡ୍ୟାମ ନିର୍ମାଣ ଓ ବାଲି ଚୋରାଚାଲାଣ ଋଷିକୂଲ୍ୟା ନଦୀ ପ୍ରତି ବିପଦ !

ବ୍ରହ୍ମପୁର, : ଗଞ୍ଜାମ ଜିଲ୍ଲାରେ ପ୍ରବାହିତ ଋଷିକୂଲ୍ୟା ନଦୀ ଜିଲ୍ଲାବାସୀଙ୍କ ଜୀବନରେଖା । ଗତ ସରକାର ସମୟରେ ଗୋପାଳପୁର ଓ ଛତ୍ରପୁର ଅଞ୍ଚଳରେ ଥିବା କମ୍ପାନୀମାନଙ୍କୁ ପାଣି ଯୋଗାଇବା ପାଇଁ ଗଞ୍ଜାମ ଜିଲ୍ଲାର ସୋରଡ଼ା ବ୍ଲକ୍ ଅନ୍ତର୍ଗତ ପିପଲପଙ୍କା ଠାରେ ଋଷିକୂଲ୍ୟା ଓ ଓଡାଙ୍ଗୀ ନଦୀର ସଂଯୋଗ ସ୍ଥଳରେ ଏକ ବୃହତ୍ ଡ୍ୟାମ୍ ନିର୍ମାଣ କରିବାକୁ ଗତ ସରକାରଙ୍କ ସମୟରେ ସ୍ଥିର ହୋଇଥିଲା । ନୂଆ ସରକାର ଆସିବା ପରେ ଏହି ପ୍ରକଳ୍ପକୁ ଅବ୍ୟାହତ ରଖିବା ସହ ସେ ଅଞ୍ଚଳରେ ଜମି ଅଧିଗ୍ରହଣ କରିବାକୁ ନିକଟରେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକଳ୍ପ ହେଲେ ପିପଲପଙ୍କା ଅଞ୍ଚଳର ୨୩ଟି ଗ୍ରାମର ଲୋକଙ୍କ ଭିଟାମାଟି ଚାଲିଯିବା ସହ ଋଷିକୂଲ୍ୟା ନଦୀ ସମ୍ପୂର୍ଣ୍ଣ ଭାବେ ଶୁଖିଯିବାକୁ ଯାଉଥିବାରୁ ତୁରନ୍ତ ଏହାକୁ ବନ୍ଦ କରିବାକୁ ଆଜି କନଭେନସନରେ ଜିଲ୍ଲାର ବିଭିନ୍ନ ବର୍ଗର ଲୋକଙ୍କ ପକ୍ଷରୁ ଦାବି କରାଯାଇଛି। ଋଷିକୂଲ୍ୟା ବଞ୍ଚାଅ କ୍ରିୟାନୁଷ୍ଠାନ କମିଟିର ଆବାହକ ସୁଧୀର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମାବେଶରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇ କହିଥିଲେ ଯେ ରାଜ୍ୟ ସରକାରଙ୍କ ଅସଲ ଉଦ୍ଦେଶ୍ୟଟି ବିଳମ୍ବରେ ହେଲେ ବି ଏବେ ସାମନାକୁ ଆସିଯାଇଛି । ଅବିଚାରିତ ଭାବେ ନିଷ୍ପତି ହୋଇଥିବା ପିପଲପଙ୍କା ଡ୍ୟାମ ପ୍ରକଳ୍ପକୁ ପ୍ରତ୍ୟାହାର କରାଯିବା ସହ ବିକଳ୍ପ ଭାବେ ନଦୀର ବର୍ଷା ଜଳକୁ ବିଭିନ୍ନ ଜଳାଶୟ ଓ ନଦୀଗୁଡ଼ିକର ପୁନରୁଦ୍ଧାର କରି ଗଚ୍ଛିତ ରଖାଯାଉ । ପିପଲପଙ୍କା ଡ୍ୟାମ ନିଷ୍ପତିକୁ ପ୍ରତ୍ୟାହାର କରି ଏହି ପ୍ରତିନିଧିଦଳକୁ ସାକ୍ଷାତ କରି ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି । ଅନ୍ୟତମ ବକ୍ତା ଭାବେ ଅଖିଳ ଭାରତ କିଶାନ୍ ମଜଦୂର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ଟାଟା, ଆଦାନୀ ଆଦି କର୍ପୋରେଟମାନଙ୍କ ସରକାର ଜିଲ୍ଲାର ଚାଷୀ ଓ ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ଋଷିକୂଲ୍ୟାର ଜଳକୁ ଡେମ୍ ଜରିଆରେ ଛଡେଇ ନେବାକୁ ଯେଉଁ ଷଡ଼ଯନ୍ତ୍ର କରିଛନ୍ତି, ତାକୁ ଯେକୌଣସି ମୂଲ୍ୟ ଦେଇ ପ୍ରତିରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ । ଆଗାମୀ ଦିନରେ ସୋରଡା ଠାରେ ଏକ ବଡ କନଭେନସନ୍ ସହିତ ନଦୀର ଉଭୟ ପାର୍ଶ୍ୱରେ ଥିବା ସବୁ ଗାଁ ଦେଇ ପଦଯାତ୍ରା କିମ୍ବା ମୋଟରସାଇକେଲ ଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ ବୋଲି କହିଥିଲେ । ଆଜିର ସମାବେଶରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କୃଷକ ନେତା, ସାମାଜିକ କର୍ମୀ, ପରିବେଶ କର୍ମୀ ଓ ବୁଦ୍ଧିଜୀବିମାନେ ଋଷିକୂଲ୍ୟା ନଦୀ ଓ ତା ଉପରେ ଜଳସେଚନ ତଥା ପିଇବା ପାଣି ପାଇଁ ନିର୍ଭରଶୀଳ ଗଞ୍ଜାମ ଜିଲାର ଲକ୍ଷ ଲକ୍ଷ ଚାଷୀ ଓ ବ୍ରହ୍ମପୁର ସହରବାସୀ କ୍ଷତିଗ୍ରସ୍ତ ହେବେ ବୋଲି ଚିନ୍ତାପ୍ରକଟ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମହାନଦୀ ବଂଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଯୋଗଦେଇ କହିଥିଲେ ଯେ ନଦୀ ଏକ ଜୀବନ୍ତ ସତା । ଋଷିକୂଲ୍ୟା ସମେତ ସମସ୍ତ ନଦୀର ସୁରକ୍ଷା ଜରୁରୀ । ଋଷିକୂଲ୍ୟା ବଂଚାଅ ଜନଆନ୍ଦୋଳନକୁ ମହାନଦୀ ବଂଚାଅ ଆନ୍ଦୋଳନ ସମସ୍ତ ସମର୍ଥନ ଜ୍ଞାପନ କରିଥିଲେ । ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ସଭାପତି ତଥା ବିଜେଡ଼ି ନେତା ଭୃଗୁ ବକ୍ସିପାତ୍ର ଋଷିକୂଲ୍ୟା ନଦୀର ସୁରକ୍ଷା ପାଇଁ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ସମର୍ଥନ ଜଣାଇଥିଲେ ।ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ନିଜର ବକ୍ତବ୍ୟରେ ଗତ କିଛି ଦଶନ୍ଧି ମଧ୍ୟରେ ଋଷିକୂଲ୍ୟା ନଦୀରେ ପାଣି କମିଯିବା ଏବଂ ତା'ରି ଫଳରେ ଚାଷ, ପରିବେଶ ଓ ଲୋକଙ୍କ ଅର୍ଥନୀତି ଉପରେ କି କି ପ୍ରଭାବ ପଡ଼ିଛି, ତାକୁ କେହି ନହେଲେ ବି ଅନ୍ତତଃ ପକ୍ଷେ ଋଷିକୂଲ୍ୟାର ଦୁଇ ପାର୍ଶ୍ୱର୍ରେ ଥିବା ଲୋକମାନେ ନିଜେ ଅନୁଭବ କରିଛନ୍ତି ବୋଲି କହିଥିଲେ । ଏଆଇକେଏମଏସର ସମ୍ପାଦକ ପ୍ରତାପ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନେତା ଶ୍ୟାମସୁନ୍ଦର ଖାଡ଼ଙ୍ଗା, ରାଜେନ୍ଦ୍ର ପଣ୍ଡା, ବିଜୟ କୁମାର ବିଶ୍ୱାଳ, କାମରାଜୁ ମହାରଣା, ଆପ୍ ଦଳର ନେତା ସୁବାସ ରାଉତ, ଦେବୀ ପ୍ରସାଦ ଦାସ, ଲୋକନାଥ ପରିଡ଼ା, ଅଶୋକ ଦଳେଇ, ନନ୍ଦେଶୁ ସେନାପତି, ଜମ୍ମୁଲା ସୁରେଶ, ଶଙ୍କର ନାହାକ, ପ୍ରଦୁପ କୁମାର ବେହେରା, ଗୌରୀଶଙ୍କର ମହାନ୍ତି, ଲକ୍ଷ୍ମୀ ନୃସିଂହ ରଥ, ଆଇଏଫଟିୟୁ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ଇ ତେଜେଶ୍ୱର ରାଓ ପ୍ରମୁଖ ବିଭିନ୍ନ ନେତୃବୃନ୍ଦଏବଂ ମତ୍ସ୍ୟଜୀବୀ ସଂଘ, ଭିଟାମାଟି ସୁରକ୍ଷଣ ମଂଚ, ସେବାନିବୃତ ଶିକ୍ଷକ କର୍ମଚାରୀ ସଂଘ, ଶିକ୍ଷକ ମହାସଂଘ ପ୍ରଭୃତି ଜନସଂଗଠନର କର୍ମକର୍ତାବୃନ୍ଦ ଋଷିକୂଲ୍ୟା ନଦୀର ସୁରକ୍ଷା ସକାଶେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏହା ସହିତ ସୋରଡାଠାରେ ଚଳିତ ମାସ ଶେଷ ସୁଦ୍ଧା ଏକ ସମ୍ମିଳନୀ ହେବ ଏବଂ ନିକଟ ଭବିଷ୍ୟତରେ ଜିଲ୍ଲାବ୍ୟାପୀ ସଚେତନତା ଶୋଭାଯାତ୍ରା ପାଇଁ ସ୍ଥିର କରାଯାଇଛି ।

# ଓଡ଼ିଶାରେ ଲାଗୁ ହେବ 'ପିଇଏସ୍ଏ' ଆଇନ



ଭୁବନେଶ୍ୱର : ଖୁବ ଶୀଘ୍ର ରାଜ୍ୟରେ ଲାଗୁ ହୋଇପାରେ ପେଶା ଆଇନ। ସୁପ୍ରିମକୋର୍ଟଙ୍କ ରାୟର ୨୭ ବର୍ଷ ପରେ ରାଜ୍ୟରେ ପେଶା ଆଇନ୍ ଲାଗୁ କରିବାକୁ ଯୋଜନା କରୁଛନ୍ତି ମୋହନ ସରକାର। ଆଜି ଏନେଇ ସୂଚନା ଦେଇଛନ୍ତି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାଏକ। ମନ୍ତ୍ରୀ ରବି ନାଏକ କହିଛନ୍ତି, ଆଦିବାସୀଙ୍କ ଅଧିକାର ପାଇଁ ପେଶା ଆଇନ ଆବଶ୍ୟକ। ସବୁ ନିର୍ବାଚନ ମଣ୍ଡଳୀକୁ କ୍ଲଷ୍ଟରରେ ଭାଗ କରାଯିବ। ଯେଉଁଠି ବ୍ୟକ୍ତି ଓ ପରିବାରସ୍ତରୀୟ ଅଧିକାର ସୁରକ୍ଷା ପାଇଁ ଯୋଜନା ହେବ। ଦେଶରେ ଆଦିବାସୀଙ୍କ ସଂଖ୍ୟା କମୁଛି। ଏହା ଗୁରୁତର ବିଷୟ। ତେଣୁ ସଚେତନ ହେବା ଆବଶ୍ୟକ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ବିଧାନସଭା ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ବିଲ୍ ଆସିବା ନେଇ ସୂଚନା ଦେଇଛନ୍ତି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାଏକ।

# ଜାତିଭିତ୍ତିକ କୋଟା ଉପରେ ମୋହର ଲଗାଇଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, :ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ସୁପ୍ରିମକୋର୍ଟ ଅନୁସୂଚୀତ ଜାତି / ଅନୁସୂଚୀତ ଜନଜାତି ସଂରକ୍ଷଣରେ ଜାତି ଭିତ୍ତିକ ସଂରକ୍ଷଣ ଉପରେ ମୋହର ଲଗାଇଛନ୍ତି। ଇଭି ଚିନ୍ନାୟା ବନାମ ଆନ୍ଧ୍ରପ୍ରଦେଶ ମାମଲାରେ ନିଷ୍ପତ୍ତି ପରିବର୍ତ୍ତନ କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବି.ଆର ଗଭାଇ ଏହି ରାୟ ଲେଖିବା ବେଳେ କହିଛନ୍ତି ଯେ ଇଭି ଚିନ୍ନାୟା ରାୟ ମାମଲାରେ କିଛି ତ୍ରୁଟି ରହିଛି। ଏଠାରେ ଧାରା ୩୪୧କୁ ବୁଝିବାର ଆବଶ୍ୟକତା ଅଛି। ଯାହା ସିଟ୍ ଉପରେ ସଂରକ୍ଷଣ ବିଷୟରେ କହିଥାଏ। ସେ କହିଛନ୍ତି ଯେ ମୁଁ କହିବାକୁ ଚାହେଁ କି ଧାରା ୩୪୧ ଏବଂ ୩୪୨ ସଂରକ୍ଷଣ ପ୍ରସଙ୍ଗ ସହିତ ଜଡିତ ନୁହେଁ। କୋଟା ଭିତରେ କୋଟା ସମାନତା ବିରୋଧୀ ନୁହେଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ମନୋଜ ସିହ୍ନା, ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀ, ଜଷ୍ଟିସ୍ ବି ଆର ଗଭାଇ, ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ପଙ୍କଜ ମିତଲ ଓ ଜଷ୍ଟିସ୍ ଏସ୍‌ସି ଶର୍ମାଙ୍କ ନେଇ ଗଠିତ ଖଣ୍ଡପୀଠରେ ୬-୧ ବହୁମତ ଆଧାରରେ ଏହି ନିଷ୍ପତ୍ତି ହୋଇଛି। ତେବେ ଜଷ୍ଟିସ୍ ବେଲା ତ୍ରିବେଦୀ ବହୁମତ ନିଷ୍ପତ୍ତି ବିରୋଧରେ ରାୟ ଦେଇଛନ୍ତି। ସେ ତାଙ୍କ ନିଷ୍ପତ୍ତିରେ ଲେଖିଛନ୍ତି କି ସଂଖ୍ୟାଗରିଷ୍ଠ ନିଷ୍ପତ୍ତିଠାରୁ ମୋର ଭିନ୍ନ ମତ ଅଛି।




## ନିର୍ବାଚନୀ ବଣ୍ଡ

# ଏସ୍ଆଇଟି ତଦନ୍ତକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ : ପ୍ରତ୍ୟାହୃତ ହୋଇ ସାରିଥିବା ନିର୍ବାଚନୀ ବଣ୍ଡ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ହୋଇଥିବା ଆବେଦନକୁ ଆଜି ସୁପ୍ରିମକୋର୍ଟ ଖରାଜ କରି ଦେଇଛନ୍ତି। ନିର୍ବାଚନୀ ବଣ୍ଡ ଜରିଆରେ ବିଭିନ୍ନ ରାଜନୀତିକ ଦଳ ପାଇଥିବା ଚାନ୍ଦାର ଅପବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଏସ୍ ?ଆଇଟି ଦ୍ୱାରା କରିବାକୁ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା। କିନ୍ତୁ ଏହାକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ଦେଇଛନ୍ତି। ବିଭିନ୍ନ ରାଜନୀତିକ ଦଳ ଓ କର୍ପୋରେଟ ଡୋନର ବା ଚାନ୍ଦା ଦାତାଙ୍କ ମଧ୍ୟରେ ନିର୍ବାଚନୀ ବଣ୍ଡ ଜରିଆରେ ଅନୈତିକ ଡିଲ୍ ହୋଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ରାଜନୀତିକ ଦଳ ବିଶେଷ କରି କ୍ଷମତାରେ ଥିବା ଦଳଗୁଡ଼ିକ ବଡ଼ବଡ଼ ବ୍ୟବସାୟୀ ଓ ସଂସ୍ଥାମାନଙ୍କ ଠାରୁ ଚାନ୍ଦା ଦେଇ ସେମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇଥିବା ଅଭିଯୋଗ ହୋଇଛି। ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାରଡିୱାଲା ଓ ଜଷ୍ଟିସ



ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି ଯେ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏବେ ଠାରୁ ତଦନ୍ତ ନିର୍ଦ୍ଦେଶ ଦେବା ଅପରିପକ୍ୱ ଓ ଅନୁଚିତ ହେବ। ଆବେଦନକାରୀ ସାଧାରଣ ଆଇନ ବ୍ୟବସ୍ଥା ଅନୁଯାୟୀ ନିଜର ଅଭିଯୋଗ ଦାଖଲ କରିପାରିବେ। ଯଦି ସେମାନଙ୍କ ଅଭିଯୋଗର ତଦନ୍ତ ନ ହେବ କିମ୍ବା ରିପୋର୍ଟ ଦାଖଲ କରା ନ ଯିବ, ତା'ହେଲେ ଆବେଦନକାରୀ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ଆସିପାରୀବେ। ନ୍ୟାୟିକ ସମୀକ୍ଷାର ଆବଶ୍ୟକ ଥିବାରୁ କୋର୍ଟ ନିର୍ବାଚନୀ ବଣ୍ଡର ପ୍ରସଙ୍ଗରେ ହସ୍ତକ୍ଷେପ କରିଥିଲେ। କିନ୍ତୁ ଏହା ସହ ଜଡ଼ିତ ଅପରାଧିକ ଦିଗର ତଦନ୍ତ ଆଇନ ଅନୁସାରେ କରାଯାଇ ପାରିବ। ଅଭିଯୋଗର ତଦନ୍ତ ଯଦି ନ ହେବ, ତା'ହେଲେ କୋର୍ଟ ଏଥିରେ ହସ୍ତକ୍ଷେପ କରିପାରିବେ। କେନ୍ଦ୍ର ସରକାର ୨୦୧୭ରେ ନିର୍ବାଚନ ବଣ୍ଡ ସ୍କିମ୍ ଘୋଷଣା କରିଥିଲେ। ଏହି ସ୍କିମ୍ ୨୯ ଜାନୁୟାରୀ ୨୦୧୮ରେ ଆଇନଗତ ଭାବରେ କାର୍ଯ୍ୟକାରୀ ହୋଇଥିଲେ। ଯଦି ଆମେ ସରଳ ଭାଷାରେ କହିବା, ତେବେ ରାଜନୀତିକ ଦଳମାନଙ୍କୁ ଅର୍ଥ ଦାନ କରିବାର ଏକ ମାଧ୍ୟମ ହେଉଛି ନିର୍ବାଚନୀ ବଣ୍ଡ। ଏହି ବଣ୍ଡକୁ ଭାରତର ଯେକୌଣସି ନାଗରିକ କିମ୍ବା କମ୍ପାନୀ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଲେକ୍ଟ ଶାଖାରୁ କିଣି ପାରିବେ ଏବଂ ନିଜ ପସନ୍ଦର କୌଣସି ରାଜନୈତିକ ଦଳକୁ ଦାନ କରିପାରିବେ। କିନ୍ତୁ ଏଥିରେ କୌଣସି ବ୍ୟକ୍ତି କିମ୍ବା କମ୍ପାନୀର ନାମ ପ୍ରକାଶ କରାଯିବ ନାହିଁ, ଅର୍ଥାତ୍ ଏହା ଗୋପନ ରହିବ। ତେବେ ଏହାକୁ ଫେବୃଆରୀ ୧୫ରେ ସୁପ୍ରିମକୋର୍ଟ ଅସାମ୍ବିଧାନିକ କହିବା ସହ ତୁରନ୍ତ ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଭୋଟର ପରିଚୟପତ୍ର ଆଧାରରେ ନିରୂପଣ ହେବନି ଜନ୍ମ ତାରିଖ : ହାଇକୋର୍ଟ

## ବୀମା ପଲିସି ପ୍ରସ୍ତାବ ଫର୍ମ ଆହୁରି ସହଜ ଓ ସରଳ କରିବାକୁ ନିର୍ଦ୍ଦେଶ

 କଟକ: ଭୋଟର ପରିଚୟପତ୍ର ଓ ଭୋଟର ତାଲିକାରେ ରେକର୍ଡ କରାଯାଇଥିବା ଜନ୍ମ ତାରିଖକୁ ଆଧାର କରି ଜଣେ ବ୍ୟକ୍ତିଙ୍କ ଜନ୍ମ ତାରିଖ ନିରୂପଣ କରାଯାଇ ପାରିବ ନାହିଁ। ତେଣୁ ଭୋଟର ପରିଚୟପତ୍ରରେ ରହିଥିବା ଜନ୍ମ ତାରିଖକୁ ଆଧାର କରି ବୀମା ବାବଦ ଅର୍ଥ ଦାବିକୁ ଅଗ୍ରାହ୍ୟ କରି ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କୁ ଜୀବନବୀମା ପଲିସି ବାବଦ ଅର୍ଥ ଚାରି ସପ୍ତାହ ଭିତରେ ପ୍ରଦାନ କରିବା ଲାଗି ଏଲଆଇସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଡ.ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ତପସ୍ୱିନୀ ପଣ୍ଡାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ବୀମା ପଲିସି ସଂପର୍କିତ (ପ୍ରପୋଜାଲ) ପ୍ରସ୍ତାବ ଫର୍ମ ଅଧିକ ସଂପୂର୍ଣ୍ଣ, ସରଳ ଓ ଅର୍ଥପୂର୍ଣ୍ଣ ହେବା ଉଚିତ। ଏ ସଂପର୍କିତ ପ୍ରଶ୍ନ ଓ ଉତ୍ତର ଭଲ ଭାବେ ପ୍ରସ୍ତାବକଙ୍କୁ ବୁଝାଯିବା ଆବଶ୍ୟକ। ବୀମା ପଲିସିରେ ଦସ୍ତଖତ ଆଣିବା ପୂର୍ବରୁ ପ୍ରସ୍ତାବକଙ୍କୁ ଘୋଷଣାନାମା ସଂକ୍ରାନ୍ତରେ ଅବଗତ କରାଯିବା ଉଚିତ। ବୀମା ଏଜେଣ୍ଟ ଉପଯୁକ୍ତ ଭାବେ ତାଲିମପ୍ରାପ୍ତ ହେବା ଆବଶ୍ୟକ। ଯାହା ଦ୍ୱାରା ଏଜେଣ୍ଟମାନେ ପଲିସିଧାରୀ ହେବାକୁ ଯାଉଥିବା ବ୍ୟକ୍ତିଙ୍କୁ ଭୁଲ ସୂଚନା ଦେବାର ପରିଣତି ସଂକ୍ରାନ୍ତରେ ସଚେତନ କରି ପାରିବେ। ବୀମା ପଲିସି ବାବଦ ପ୍ରିମିୟମ ଆଦାୟ ସହଜ ହୋଇଥିବା ବେଳେ ବୀମା ବାବଦ ଅର୍ଥ ଦାବି ସଂପର୍କିତ ପ୍ରକ୍ରିୟା ଜଟିଳ। ପଲିସି ବାବଦ ଅର୍ଥ ଦାବି



ପ୍ରକ୍ରିୟା କଷ୍ଟସାଧ୍ୟ ହୋଇଥାଏ। ବହୁ ପ୍ରମାଣପତ୍ରର ଆବଶ୍ୟକତା ପଡ଼ିଥାଏ। ପ୍ରକ୍ରିୟା ବିଳମ୍ବିତ କରି ତନ୍ନ ତନ୍ନ କରି ସବିଶେଷ ବିବରଣୀ ଯାଞ୍ଚ କରାଯାଇଥାଏ। ଏଭଳି ବିଳମ୍ବ, ଅଗ୍ରାହ୍ୟ ଭଳି ଘଟଣା ବ୍ୟକ୍ତିଗତ କ୍ଷତି ଓ ସମସ୍ୟାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିର ଦୁଃଖକୁ ବଢାଇ ଦେଇଥାଏ। ଏଭଳି ସ୍ଥିତିରେ ବୀମା କମ୍ପାନିଗୁଡ଼ିକ ନିଜ କାର୍ଯ୍ୟକଳାପର ମୂଲ୍ୟାଙ୍କନ କରିବା ସହିତ ଗ୍ରାହକଙ୍କ ଫାଇଦାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବାକୁ ହାଇକୋର୍ଟ ପରାମର୍ଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଆବେଦନକାରୀଙ୍କ ବାପା ତିନୋଟି ଜୀବନବୀମା ପଲିସି କରିଥିଲେ। ପଲିସିଧାରୀ ରଘୁନାଥ ନାୟକଙ୍କ ୨୦୧୨, ମାର୍ଚ୍ଚ ୧୫ରେ ମୃତ୍ୟୁ ହୋଇଥିଲା। ଏହା ପରେ ଆବେଦନକାରୀ ତିନି ବୀମା ପଲିସି ବାବଦ ଅର୍ଥ ପାଇବାକୁ ଆବେଦନ କରିଥିଲେ। ଦୁଇଟି ପଲିସି ବାବଦ ଅର୍ଥ ଆବେଦନକାରୀଙ୍କୁ ପ୍ରଦାନ କରାଯାଇଥିଲା। କିନ୍ତ ତୃତୀୟ ପଲିସି ବାବଦରେ ଆବେଦନକାରୀଙ୍କ ଦାବିକୁ ଅଗ୍ରାହ୍ୟ କରାଯାଇଥିଲା।

## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com

www.voiceofvictims.co.in

Follow/Like/Subscribe :

Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର